## ଜଳୁନି ଷ୍ଟ୍ରିଟ୍‌ଲାଇଟ୍, ଜାରକା ବଜାର ଅନ୍ଧାର




**ଧର୍ମଶାଳା, ୭ ।୧୨(ସମିସ):** ୧୬ନଂ ଜାତୀୟ ରାଜପଥର ଜାରକା ଅଞ୍ଚଳରେ ରାଜପଥ ରାସ୍ତା ଗତ ତିନିଦିନ ହେଲା ଅନ୍ଧାରରେ ରହିଛି। ରାଜପଥରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ତିନିଦିନ ହେଲା ଜଳୁନାହିଁ। ରାଜପଥରେ ଅନ୍ଧାରରେ ଯାନବାହନ ଚଳାଚଳ ହେଉଛି। ଜାରକା ଫ୍ଲାଏଓଭର ବ୍ରିଜ ତଳ ଓ ଦୁଇ ପାର୍ଶ୍ୱ ବଜାର ଅନ୍ଧାର ରହିଛି। ସେହିପରି ସର୍ଭିସ୍ ରୋଡ୍‌ରେ ସ୍ଥାନୀୟ ବାସିନ୍ଦା ଅନ୍ଧାରରେ ଯାତାୟାତ କରୁଛନ୍ତି। ରାଜପଥର ନେଉଳପୁରଠାରୁ ଜାରକା ବ୍ରାହ୍ମଣୀ ବ୍ରିଜ୍ ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ୍ ଲାଗିଛି। ଜାରକା ଫ୍ଲାଏଓଭର ବ୍ରିଜ ସହ ଶଙ୍ଖାରିଡିଅ ଓ ଦେଉଳି ବ୍ରିଜ୍ ଉପରେ ଷ୍ଟ୍ରିଟ୍‌ଲାଇଟ୍ ଲାଗିଛି। ଯଦ୍ୱାରା ରାଜପଥ ରାତିରେ ଆଲୋକମୟ ହୋଇଥାଏ। ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଜଳିଥାଏ। ଦୁର୍ଘଟଣା ଓ ରାହାଜାନୀ ଆଦିର ଭୟ କମ୍ ଥାଏ। ଏପରିକି ସ୍ଥାନୀୟ ବାସିନ୍ଦା ଏହି ଆଲୋକ ଯୋଗୁଁ ସର୍ଭିସ୍ ରୋଡରେ ପ୍ରାତଃ ଭ୍ରମଣ କରିଥା'ନ୍ତି। ଷ୍ଟ୍ରିଟ୍‌ଲାଇଟ୍ ବନ୍ଦ ଯୋଗୁଁ ଚାଲିବାକୁ ଉଚିତ ମଣୁ ନାହାନ୍ତି। ଏ ଦିଗରେ ଦାୟିତ୍ୱରେ ଥିବା ରାଜପଥ କର୍ତ୍ତୃପକ୍ଷ କାହିଁକି କର୍ଣ୍ଣପାତ କରୁନାହାନ୍ତି, ତାହା ବୁଝା ପଡୁନାହିଁ। ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବା କାରଣରୁ ଏମିତି ଲାଇନ୍ କଟା ହୋଇଥିବା ଶୁଣିବାକୁ ମିଳୁଛି। ଏ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ବିରଜାକ୍ଷେତ୍ରକୁ ରେଳ ସଂଯୋଗ ଦାବି

**ଯାଜପୁର ଟାଉନ, ୭ ।୧୨ (ସମିସ):** ଯାଜପୁର କେନ୍ଦୁଝରରୋଡ୍ -ଧାମରା ଭାୟା ଯାଜପୁର, ଆରଡି ନୂତନ ରେଳପଥ ସଂଯୋଗ ଦାବି କରାଯାଇଥିଲେ ହେଁ ଦୀର୍ଘ ବର୍ଷ ଧରି ରେଳ ବିଭାଗର ନାଳିଫିତା ତଳେ ପଡ଼ି ରହିଛି। ଆଜି ପର୍ଯ୍ୟନ୍ତ ପ୍ରକଳ୍ପଟି ପାରିତ ନ ହେବାରୁ ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଅସନ୍ତୋଷ ଦେଖାଦେଇଛି। ଗତ ସେପ୍ଟେମ୍ବର ମାସରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ କୋଟି ୪ ଲକ୍ଷ ଟଙ୍କା ବ୍ୟୟବରାଦରେ ଚୂଡ଼ାନ୍ତ ସର୍ଭେ ପାଇଁ ଅର୍ଥବରାଦ କରିଥିଲେ। ଏବେ ଏହି ପ୍ରକଳ୍ପ ପାଇଁ ରୁଟ୍ ସ୍ଥିର କରାଯାଇଛି। କେନ୍ଦ୍ର ସରକାର ଜାନୁଆରୀ ମାସରେ ରେଳ ବଜେଟ୍ ଆଗତ କରିବାକୁ ଥିବାବେଳେ ଯଥାଶୀଘ୍ର ପ୍ରକଳ୍ପଟି ମଞ୍ଜୁରି ଦେବା ପାଇଁ ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏଣୁ ଆଗାମୀ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ବିରଜାକ୍ଷେତ୍ର ବିକାଶ ପରିଷଦ ସଭାପତି ତପନମହାରଣ୍ୟ ଶର୍ମା, ଦିଲ୍ଲୀପ ଦାଶ, ଜ୍ୟୋତିଶଙ୍କର ରାୟ, ବିଜୟ ମହାରଣା, ପଞ୍ଚାନନ ପାଣି, ରିନା ପଡ଼ିହାରୀ, ଅଭିନାଶ ମିଶ୍ର, ପ୍ରମିଳା ରାଉତ, ମଧୁସୂଦନ ମହାପାତ୍ର, ରଞ୍ଜିତା ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ମା' ଲକ୍ଷ୍ମୀ ଓ ବିମଳାଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା

**ଶଙ୍ଖଚିଲା, ୭ ।୧୨ (ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତର ଶଙ୍ଖଚିଲା ଜଗନ୍ନାଥ ମନ୍ଦିର ନିକଟରେ ମା'ଲକ୍ଷ୍ମୀ ଓ ମା' ବିମଳାଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ କରାଯାଇଛି। ଶଙ୍ଖଚିଲା ଜଗନ୍ନାଥ କମିଟି ସଭାପତି ଗଙ୍ଗାଧର ସାହୁ ଓ ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆଜି ମାର୍ଗଶିର ମାସ ମାଣବସା ଗୁରୁବାରରେ ପୂଜକ ନିରଞ୍ଜନ ପାଢ଼ୀ ନୂତନ ମନ୍ଦିରର ପୂଜାର୍ଚ୍ଚନା ସହ ବାସ୍ତୁପୂଜା କରିଥିଲେ। ମନ୍ଦିରର ଗର୍ଭଗୃହ ତଳର ମୃତ୍ତିକାକୁ ଗଙ୍ଗା ଜଳ ଛିଞ୍ଚି, ପଞ୍ଚଗବ୍ୟ ଦ୍ୱାରା ସୋଧନ କରିବା ସହ ଶାସ୍ତ୍ର ଅନୁଯାୟୀ ଶ୍ଳୋକ ଉଚ୍ଚାରଣ କରି ହୋମଯଜ୍ଞ ଅନୁଷ୍ଠିତ ହେଇଥିଲା। କର୍ତ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ନାୟକ ଓ ତାଙ୍କ ଧର୍ମପତ୍ନୀ ରମାମଣି ନାୟକ ସଂକଳ୍ପ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ବରୁ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ଏବେ ସେଠାରେ ମା' ଲକ୍ଷ୍ମୀ ଓ ମା' ବିମଳାଙ୍କ ଦୁଇଟି ନୂତନ ମନ୍ଦିର ନିର୍ମାଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ନାବାଳକର ସନ୍ଦେହଜନକ ମୃତ୍ୟୁ

**କବାଟବନ୍ଧ, ୭ ।୧୨ (ସମିସ):** ଜେନାପୁର ଥାନାଠାରୁ ୨୦୦ ମିଟରେ ଦୂର ରେଳ ଷ୍ଟେସନ ରାସ୍ତାରେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଜେନାପୁର ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକ ଜଣଙ୍କ ନାବାଳକ ହୋଇଥିବାବେଳେ ଏହି ଥାନା ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଅଧୀନ ଚାରଗୋଠ ଗ୍ରାମର ତ୍ରିଲୋଚନ ମଲିକଙ୍କ ପୁଅ ସ୍ୱାଧୀନ ମଲିକ (୧୭) ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ସ୍ୱାଧୀନଙ୍କ ମା' ସରସ୍ୱତୀ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ଦୀର୍ଘଦିନ ଧରି ପୁଅଝିଅଙ୍କୁ ନେଇ ତାଙ୍କ ବାପଘର ବୃନ୍ଦାଦେଇପୁରରେ ରହୁଥିଲେ। ଗୁରୁବାର ସକାଳୁ ତାଙ୍କ ମୃତଦେହ ଜେନାପୁର ଗ୍ରାମର କ୍ଷେତ୍ରବାସୀ ସିଂଙ୍କ ଫାର୍ମ ହାଉସ ବାରଣ୍ଡାରେ ପଡ଼ି ରହିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଜେନାପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହିତ ତଦନ୍ତ ଜାରି ରଖିଛି। ମୃତ ସ୍ୱାଧୀନ ପରିବାର ପକ୍ଷରୁ ଜେନାପୁର ଥାନାରେ ତାଙ୍କ ମା' ସରସ୍ୱତୀ ଓ ବାପା ତ୍ରିଲୋଚନଙ୍କ ପକ୍ଷରୁ ପୃଥକ ଭାବେ ଦୁଇଟି ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
# ଥାଲାସେମିଆ ଶିଶୁ ରୋଗୀଙ୍କୁ ମିଳୁନି ଉଚିତ ସ୍ୱାସ୍ଥ୍ୟସେବା

**ଯାଜପୁର, ୭ ।୧୨(ସମିସ):**

ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରପାଳିକା ସହିତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାୟ ୪ ଶହ ଶିଶୁ ଥାଲାସେମିଆ, ହିମୋଫେଲିଆ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ୧୫ ବର୍ଷ ହେବ ଯାଜପୁର ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ନିୟମିତ ଚିକିତ୍ସିତ ହେଉଛନ୍ତି। ତେବେ ସେମାନଙ୍କୁ ଉଚିତ ସେବା ମିଳୁନି। ସମସ୍ତ ଚିକିତ୍ସା ନଥିପତ୍ର ଶିଶୁ ବିଭାଗରେ ଗଚ୍ଛିତ ରହିଛି। କିନ୍ତୁ ଯାଜପୁର ମେଡିକାଲ ବୋର୍ଡ ଭାରତ ସରକାରଙ୍କ ନିୟମକୁ ଉଲ୍ଲଂଘନ କରୁଛନ୍ତି। ଯାଜପୁର ମେଡିକାଲ ବୋର୍ଡରେ ଶିଶୁ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରାଯିବା ପରିବର୍ତ୍ତେ ମେଡିସିନ ବିଭାଗର ଜଣେ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ଏହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ବିଚାରଧାରା। ଯେହେତୁ ତାଙ୍କ ଦ୍ୱାରା ସଠିକ୍ ଭିନ୍ନକ୍ଷମ ପ୍ରମାଣପତ୍ର ମୂଲ୍ୟାୟନ ଆଦୌ ସମ୍ଭବ ନୁହେଁ। ତାଙ୍କର ଯୋଗ୍ୟତା ଓ ଅଭିଜ୍ଞତା ନାହିଁ। ଗତ ଦୁଇବର୍ଷ ମଧ୍ୟରେ ୨୪ଟି ମେଡିକାଲ ବୋର୍ଡ ବୈଠକ ବସିଛି। ପ୍ରତି ମାସ ମେଡିକାଲ ବୋର୍ଡରେ ଶିଶୁମାନଙ୍କୁ ବିଭିନ୍ନ ଆଳଦେଖାଇ ଫେରାଇ ଦିଆଯାଉଛି।

ଦ୍ୱିତୀୟରେ ଜୀବନସାରା ଚିକିତ୍ସାଧୀନ ଥିବାବେଳେ ସେମାନଙ୍କୁ ଅସ୍ଥାୟୀ ଭିନ୍ନକ୍ଷମ ପ୍ରମାଣପତ୍ର ସୁପାରିସ୍ କରୁଛନ୍ତି। ଫଳରେ ଅସ୍ଥାୟୀ ହେତୁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତୃତୀୟରେ କେତେକ ଭିନ୍ନକ୍ଷମ ଅତ୍ୟଧିକ ଜଟିଳତର (ମେଜର) ଅବସ୍ଥାରେ ଚିକିତ୍ସିତ ହେଉଥିଲେ ମଧ୍ୟ ସ୍ୱଳ୍ପ ଭିନ୍ନକ୍ଷମ ପ୍ରମାଣପତ୍ର ସୁପାରିସ୍ କରାଯାଉଛି। କାହାକୁ 'କ', 'ବ' ଏପରି ଭାବେ ଭିନ୍ନକ୍ଷମ ମୂଲ୍ୟାୟନ କରୁଥିବାରୁ ଏହି ସମ୍ବେଦନଶୀଳ ଘଟଣା ଗତ ଦୁଇବର୍ଷ ଧରି ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ନିରବ ରହିଛି। ପିଲାମାନଙ୍କ ପିତାମାତାଙ୍କ ରୋଗ ଚିନ୍ତା ଅପେକ୍ଷା ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବା ପାଇଁ ପ୍ରତିମାସରେ ଖର୍ଚ୍ଚାନ୍ତ ହୋଇ ମେଡିକାଲ ବୋର୍ଡ଼ରୁ ନିରାଶ ହୋଇ ଘରକୁ ଫେରିବା ଓ ବିଭିନ୍ନ ଯୋଜନା ଦ୍ୱାରା ବଞ୍ଚିତ ହେବା ଦ୍ୱାରା ଅତ୍ୟନ୍ତ ମାନସିକ ଭାରାସାମ୍ୟ ହରାଇ ବସିଲେଣି। ଯାଜପୁର ମେଡିକାଲ ଅତ୍ୟନ୍ତ ଅବ୍ୟବସ୍ଥାରେ ପରିଚାଳିତ ହେଉଥିବାରୁ ଜିଲ୍ଲା ଥାଲାସେମିଆ ସମ୍ପାଦକ ପରମାନନ୍ଦ ନାୟକ ଗତ ନଭେମ୍ବର ମାସ ୩ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଶାସନ ସଚିବଙ୍କୁ ଲିଖିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଦୀର୍ଘଦିନ ବିତିଗଲା ପରେ କୌଣସି କାର୍ଯ୍ୟାନୁଷ୍ଠାନ କରା ନ ଯିବାରୁ ପୁନଃରାୟ ଗତ ସେପ୍ଟେମ୍ବର ମାସରେ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବେ ସମସ୍ତ ଅବ୍ୟବସ୍ଥାକୁ ଜଣାଇଥିବାରୁ ଏହାକୁ ଗୁରୁତ୍ୱ ଭାବେ ଉପଲବ୍ଧ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଶାସନ ସଚିବ ଓ ଯାଜପୁର ଜିଲ୍ଲା କଲେକ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ତିନି ମାସ ବିତିଗଲାଣି ଓ ତିନୋଟି ମେଡିକାଲ ବୋର୍ଡ଼ ବସିସାରିଛି। ପୂର୍ବଭଳି ରୋଗୀମାନେ ବୋର୍ଡ଼ରେ ଉପସ୍ଥିତ ହୋଇ ସମସ୍ତ କାଗଜପତ୍ର ଦାଖଲ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେକଙ୍କୁ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି। ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଶିଶୁମାନଙ୍କ ପକ୍ଷରୁ ୮୮ ବର୍ଷ ବୟସ୍କ ଶ୍ରୀ ନାୟକ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ମଧ୍ୟ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି।

## କୁଆଖିଆ ଗଜ ଉଦ୍ଧାରଣ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି

**ହରିପୁର, ୭।୧୨(ସମିସ):** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର ପ୍ରାଣକେନ୍ଦ୍ର କୁଆଖିଆଠାରେ ୬୯ତମ ଗଜ ଉଦ୍ଧାରଣ ପୂଜା ୧୬ ତାରିଖ ପବିତ୍ର ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୬ ତାରିଖରେ ଏହି ପୂଜା ଉତ୍ସବ ଉଦଯାପିତ ହେବା ନେଇ ନିଷ୍ପତ୍ତି ହୋଇଛି। ଏହି ପୂଜା ଉତ୍ସବ କୁଆଖିଆର ବିଜୁ ଗ୍ରାମୀଣ ବଜାରରେ ଅନୁଷ୍ଠିତ ହେବ। ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଶ୍ରୀଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ନିର୍ମାଣ ଖ୍ୟାତନାମା ଶିଳ୍ପୀ ରବୀନ୍ଦ୍ର ସାହୁଙ୍କ ଦ୍ୱାରା ଚାଲୁଛି। ପୂଜା ମଣ୍ଡପ ସାମ୍ନାରେ ଏକ ମୁଖ୍ୟ ଆକର୍ଷଣୀୟ ଗେଟ୍ ସହ ବଜାରର ବିଭିନ୍ନ ରୁଟରେ ଗେଟ୍ ଓ ଆଲୋକ ସଜ୍ଜା କାମ ମା ତାରିଣୀ ଟେଣ୍ଟ ହାଉସର ପ୍ରୋପାଇଟର ବିଜୟ କୁମାର ସାହୁଙ୍କ କର୍ମଚାରୀ କରୁଛନ୍ତି। ଚଳିତ ବର୍ଷ ଏହି ପ୍ରସିଦ୍ଧ ପୂଜା ଉତ୍ସବ ଅନୁଷ୍ଠିତ ହେବା ପାଇଁ ଶାନ୍ତି କମିଟି ସମସ୍ତ ଉଦ୍ୟମ ଜାରି ରଖିଛି। ଶାନ୍ତି କମିଟିର ଆବାହକ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲୁରହିଛି। ଏହି ପୂଜା ଉତ୍ସବ ପାଇଁ ମୁଖ୍ୟତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗ କରିଥାଆନ୍ତି।



ଏହି ପୂଜା ଉତ୍ସବରେ ପାଲା, ସଂକୀର୍ତ୍ତନ, ଗୀତା ପାଠ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଢେଙ୍କାନାଳ ପ୍ରଭୃତି ଜିଲ୍ଲାରୁ ହଜାର ହଜାର ଜନସାଧାରଣ ସୃଷ୍ଟିକର୍ତ୍ତା ଭଗବାନ ଲକ୍ଷ୍ମୀନାରାୟଣଙ୍କ ଦର୍ଶନ ପାଇଁ ଆସିଥାଆନ୍ତି। ଦୀର୍ଘ ୨୧ ଦିନ ଧରି ଏହି ଉତ୍ସବ ରାଜ୍ୟରେ ଏକ ମୁଖ୍ୟ ଉତ୍ସବ ଭାବେ ବିବେଚିତ ହୋଇଆସୁଛି। ଚଳିତ ବର୍ଷ ପୂଜା ଉତ୍ସବକୁ କୁଆଖିଆ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରୀଙ୍କ ସୁରକ୍ଷା ଓ ଟ୍ରାଫିକ ସମସ୍ୟା ପାଇଁ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ଶ୍ରୀ ବାରିକ ଓ ଶାନ୍ତି କମିଟି ସଦସ୍ୟ ଏଥିପାଇଁ ଚୂଡ଼ାନ୍ତ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛନ୍ତି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଶାନ୍ତି କମିଟିର ସ୍ୱେଚ୍ଛାସେବୀ ନିୟୋଜିତ ହେବେ।

## ଯାଜପୁର-ଧାମରା ରେଳପଥର ଛୋଟରାୟପୁରରେ ହେବ ଷ୍ଟେସନ

**ଶଙ୍ଖଚିଲା, ୭।୧୨ (ସମିସ):** କୋରେଇ ବ୍ଲକ ଜହ୍ନା ପଞ୍ଚାୟତ ଛୋଟରାୟପୁରଠାରେ ହେବ ରେଳ ଷ୍ଟେସନ। ଏହି ଖବର ପାଇବା ପରେ ସ୍ଥାନୀୟ ଜନସାଧାରଣ ଉତ୍ସାହିତ ହେଇପଡ଼ିଛନ୍ତି। ଏହି ରେଳପଥ ପାଇଁ ଅନେକ ଆନ୍ଦୋଳନ ଓ ଦାବି ପରେ ଏହାର ଚୂଡ଼ାନ୍ତ ସର୍ଭେ ପାଇଁ ସ୍ଥିର ହୋଇଛି। ପୂର୍ବ ସର୍ଭେ ଅନୁସାରେ ରେଳ ଦିଗରେ କିଛିଟା ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ ରାମପୁର-ଶଗଡ଼ିଠାରେ ଷ୍ଟେସନ ନିର୍ମାଣ ହେବାକୁ ଥିବାବେଳେ ନୂତନ ସର୍ଭେରେ ତାକୁ ବାଦ୍ ଦିଆଯାଇଛି। ପ୍ରାୟ ୯୬ କିମି ଏହି ରେଳପଥରେ ନିର୍ମାଣ ହେବ ୧୧ଟି ଷ୍ଟେସନ। ତନ୍ମଧ୍ୟରୁ ଯାଜପୁରରୋଡ ଷ୍ଟେସନ ପରେ ପ୍ରଥମ ଷ୍ଟେସନ ଭାବେ ଛୋଟରାୟପୁର ଷ୍ଟେସନ ରହିଛି। ଏହି ରେଳପଥ ନିର୍ମାଣ ହେଲେ ବିରଜା କ୍ଷେତ୍ର ସମେତ ଉପରୋକ୍ତ ସ୍ଥାନଗୁଡିକୁ ସହଜରେ ଯାତାୟାତ ସୁବିଧା ହେବ ଜାଣି ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ମା'ଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଟମକା, ୭ ।୧୨(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଉପର ଟମକାସ୍ଥ ନୂତନ ଭାବେ ନିର୍ମାଣ କରାଯାଇଥିବା ମା' ଲକ୍ଷ୍ମୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ କମିଟିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ୬ ତାରିଖ ଦିନ ମା'ଙ୍କ ଅଙ୍କୁରୋପଣ କରାଯାଇଥିଲା। ୭ ତାରିଖ ଦିନ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ନ୍ୟାସ, ଯନ୍ତ୍ରପୂଜା, ଚକ୍ର ସ୍ଥାପନ, ବିଶ୍ୱଶାନ୍ତି ମହାଯଜ୍ଞ ପରେ ବୈଦିକ ହିନ୍ଦୁ ରୀତି ଅନୁଯାୟୀ ମା' ଲକ୍ଷ୍ମୀଙ୍କ ନୂତନ ବିଗ୍ରହକୁ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଆଚାର୍ଯ୍ୟ ମାନସ ହୋତା, ଅଶୋକ ହୋତା, ଅକ୍ଷୟ ହୋତା, ମହେଶ ହୋତାଙ୍କ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁଙ୍କ ଦ୍ୱାରା ଭଜନ କୀର୍ତ୍ତନ, ଶଙ୍ଖ, ଘଣ୍ଟାଘଣ୍ଟି, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ଏହି ପବିତ୍ର ଉତ୍ସବରେ ସୌମ୍ୟରଞ୍ଜନ ମହାପାତ୍ର, ରାଜଲକ୍ଷ୍ମୀ ମହାପାତ୍ର, ରବୀନ୍ଦ୍ର ଦାସ, ପାର୍ଥସାରଥି ବେହେରା, ତ୍ରିଲୋଚନ ନାୟକ, ମନୋଜ ନାୟକ, ପ୍ରବୀର ବାରିକ ପ୍ରମୁଖ ଉଦ୍ୟୋକ୍ତା ଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି. ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ଏସ୍ଆଇ ଚନ୍ଦ୍ରଶେଖର ମୁଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଗୁରୁ ଯୋଗ ଦେଇଥିବାବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଦ୍ୱାରିକା ନାଥ ଦାସ, ଦିଲ୍ଲୀପ ପ୍ରଧାନ, ଅନୀଲ ଦାସ, ବାବୁଲି ପ୍ରଧାନ, ସୁରେଶ ମହାନ୍ତ, ମଦନ ତନ୍ତୀ, କିଷାନ ମୁଣ୍ଡା, ସୌମ୍ୟରଞ୍ଜନ ବାରିକ, ସର୍ବେଶ୍ୱର ଦାସ, ରାଜୁ ଦାସ, ଚତୁରା ନାୟକ, ଚିରରଞ୍ଜନ ବାରିକ, ଜ୍ଞାନରଞ୍ଜନ ମହାପାତ୍ରଙ୍କ ସମେତ ଜଗନ୍ନାଥ କମିଟିର ସମସ୍ତ ସଭ୍ୟ ଓ ବୀଣାପାଣି ୟୁଥ୍ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



## ସରକାରୀ ଜମିରୁ ଅବରୋଧ ହଟାଇବାକୁ ତହସିଲ ନୋଟିସ୍

**ପାଣିକୋଇଲି, ୭।୧୨(ସମିସ):** ବ୍ୟାସନଗର ତହସିଲ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ମସୁଦପୁର ବଜାରରେ ସରକାରୀ ଜମିରେ ଥିବା ୧୬ ଜଣ ଜବରଦଖଲକାରୀଙ୍କୁ ୭ ଦିନ ମଧ୍ୟରେ ଘର ଭାଙ୍ଗିବାକୁ ଉପଜିଲ୍ଲାପାଳଙ୍କ ମିସ୍ କେଶ ନମ୍ବର ୬୫/୨୦୨୨ ଅନୁଯାୟୀ ବ୍ୟାସନଗର ତହସିଲ ପକ୍ଷରୁ ନୋଟିସ କରାଯାଇଛି। ମସୁଦପୁର ମୌଜାର ଖାତା ନମ୍ବର ୨୮୯(ରକ୍ଷିତ) ଓ ୨୦୯(ବିଦ୍ୟୁତ ବିଭାଗ ଓ ଜଳସେଚନ) ପ୍ଲଟ ନମ୍ବର ୧୦୨୭/୧୧୧୨ କିସମ ଗୋଚର, ୭୩୪ କିସମ ଗୋଚର ଓ ୧୦୪୭ କିସମ ରାସ୍ତାକୁ ଅବରୋଧ କରି ଜବରଦଖଲ କରାଯାଇଛି। ରାସ୍ତା ଦୋହରୀକରଣ ପାଇଁ ୨୦୨୦ ନଭେମ୍ବର ୨୨ ତାରିଖରେ ମଧ୍ୟ ୨୯ଟି ଦୋକାନ ଗୃହ ଓ କ୍ଲବ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଏବେ ଉଚ୍ଛେଦ ସ୍ଥାନରେ ମଧ୍ୟ କିଛି ଜବରଦଖଲ ହୋଇଛି। ଏହାବ୍ୟତୀତ ବହୁ ଲୋକ ଜବରଦଖଲ କରି ଦ୍ୱିତଳ ଘର କରି ବ୍ୟବସାୟ ପ୍ରତିଷ୍ଠାନ କରିଛନ୍ତି।

## ସାହାସପୁର କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର, ୭।୧୨(ସମିସ):** ରାଜ୍ୟରେ ଯୁବ ଶକ୍ତିର କଳାତ୍ମକ, କ୍ରୀଡ଼ାତ୍ମକ ଓ ଗୁଣାତ୍ମକ ବିକାଶ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏ ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ସାହାସପୁର ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କଲେଜ ପରିଚାଳନା କମିଟି ସଭାପତି ମହେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ପ୍ରତିମୂର୍ତ୍ତି ନିକଟରେ ବିଧାୟକ ଶ୍ରୀ ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା, କ୍ରୀଡ଼ା, ସାଂସ୍କୃତିକ, ସାମାଜିକ ସଚେତନତା,




ଶାରୀରିକ, ମାନସିକ ବୌଦ୍ଧିକ ବିକାଶ ଓ ସମାଜରେ ସଂସ୍କାର ହେବାକୁ ହେଲେ ବିକାଶଧାରା ଜାରି ରହିବା ଉଚିତ୍ ବୋଲି ବିଧାୟକ ଶ୍ରୀ ଶତପଥୀ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ୧୯ନଂ ଜିଲ୍ଲା ପରିଷଦ ଜୋନ ସଭ୍ୟ ଅରବିନ୍ଦ ସାମଲ, ୧୭ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ସରୋଜ ରଞ୍ଜନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମିଳନ କୁମାର ଜେନା ଓ ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ଓ ସାନିଟାରୀ ଉପରେ ଏକ ସଚେତନତା ରାଲି ବାଲିଚନ୍ଦ୍ରପୁର ପୁଲିସ୍ ସହାୟତାରେ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ, ପିବିଏସ୍ ପୃଷ୍ଟି, ପ୍ରଦୀପ ବିଶ୍ୱାଳ, ଚନ୍ଦ୍ରଶେଖର ରାଉତ, ଶ୍ୟାମସୁନ୍ଦର ପଲେଇ, ବିଶ୍ୱତୋଷ ନାୟକ, ଅଭିଜିତ ନାୟକ, ପିଇଟି ପ୍ରତ୍ୟୁଷ ସାହୁ, ଅଧ୍ୟାପିକା ମିନତୀ ସାହୁ, ଆଦ୍ୟା ମୌସୁମୀ ମହାନ୍ତି, ଡଃ ନିରୂପମା ବେହୁରା, ଗାୟତ୍ରୀ ଶତପଥୀ, ହିରଣ୍ମୟୀ ସାମଲ, ଜ୍ୟୋତ୍ସ୍ନାମୟୀ ସାହୁ, ପଦ୍ମାବତୀ ରାଉତ ଓ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିବାରେ ସହଯୋଗ କରିଥିଲେ। ସେହିଭଳି ପଲ୍ଲିଶ୍ରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ମାମି ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ବିଧାୟକ ଉଦ୍‌ଘାଟନ କରିଥିଲେ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

**ଷଠିପୁର, ୭।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥ ବାବା ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। କମିଟିର ସମସ୍ତ ସଦସ୍ୟ, ମୂଳାପାଳ, ବ୍ରଜନଗର, ବରପଦା ଆଦି ୩ଟି ଗ୍ରାମର ବୁଦ୍ଧିଜିବୀ, ଗ୍ରାମାବସୀଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। କମିଟିର ସଭାପତି ଦୈତାରୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସର୍ବସମ୍ମତ କ୍ରମେ ବିଷ୍ଣୁଚରଣ ଧଳ ସଭାପତି, ବାସୁଦେବ ପରିଡ଼ା ଉପସଭାପତି, ଗୋଲେଖ ଚନ୍ଦ୍ର ମାଝୀ ସମ୍ପାଦକ, ରମେଶ ଚନ୍ଦ୍ର ସାହୁ ସହସମ୍ପାଦକ, ମଦନ ମୋହନ ମାଝୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହ କମିଟିରେ ୩୦ ଜଣ ସଦସ୍ୟ ରହିଛନ୍ତି। ନୂତନ କମିଟି ଗଠନ ପରେ କର୍ମକର୍ତ୍ତା ବାବା ଲିଙ୍ଗେଶ୍ୱର, ମା' ବାଗେଶ୍ୱରୀ, ପ୍ରଭୁ ରାମ ଲକ୍ଷ୍ମଣ ଓ ସୀତା ଓ ଶନିଶ୍ଚରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ନୂତନ କର୍ମକର୍ତ୍ତା ନିର୍ବାଚିତ ହେବା ପରେ ନୂତନ ସଦସ୍ୟ କମିଟିର ସମସ୍ତ ବରିଷ୍ଠ ସଦସ୍ୟ, ମୂଳାପାଳ, ବରପଦା, ବ୍ରଜନଗରର ଗ୍ରାମର ସମସ୍ତ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## କଳିଙ୍ଗନଗରରେ କେବେ ହେବ ଇଏସ୍ଆଇ ହସ୍ପିଟାଲ



**ଦାନଗଦି, ୭ ।୧୨ (ସମିସ):**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଏସ୍ଆଇ ହସ୍ପିଟାଲ ପାଇଁ ନିଜସ୍ୱ ଗୃହ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। କାରଣ ନିଜସ୍ୱ ଗୃହ ନ ଥିବାରୁ ଚିକିତ୍ସା ସୁବିଧା ମିଳୁନି। ଏ ନେଇ କଳିଙ୍ଗନଗରର ଶ୍ରମିକ କର୍ମଚାରୀ ଚିନ୍ତାରେ ଅଛନ୍ତି। ବହୁବାର ଶ୍ରମିକ, କର୍ମଚାରୀଙ୍କ ହସ୍ପିଟାଲ ନିର୍ମାଣ ଦାବି ପରେ ଗତବର୍ଷ କଳିଙ୍ଗନଗରସ୍ଥ ମାନତିରା ମୌଜାରେ ୧୦୦ ଶଯ୍ୟା ବିଶିଷ୍ଟ ଇଏସଆଇସି ହସ୍ପିଟାଲ ପ୍ରତିଷ୍ଠା ପାଇଁ ପ୍ରଶାସନ ପଦକ୍ଷେପ ନେଇଥିଲା। ଏପରିକି ମାଣତିରା ମୌଜାରେ ଏଥିନିମନ୍ତେ ୫ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେଇଥିଲେ ଓ ଜମି ଚିହ୍ନଟ ବି ହୋଇଥିଲା। ହେଲେ ଏଯାବତ୍ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

କଳିଙ୍ଗନଗରରେ ଏବେ ଛୋଟ ବଡ଼ ୧୫ରୁ ଊର୍ଦ୍ଧ୍ୱ କାରଖାନାରେ ପ୍ରାୟ ୩୦ ହଜାରରୁ ଅଧିକ ଶ୍ରମିକ ଓ କର୍ମଚାରୀ ଇଏସଆଇ ଅନ୍ତର୍ଭୁକ୍ତ ଅଛନ୍ତି। ଉନ୍ନତମାନର ସେବା ଯୋଗାଇ ଦେବାକୁ ଏଠାରେ ଏହି ହସ୍ପିଟାଲର ଆବଶ୍ୟକତା ରହିଛି। କାରଣ ସ୍ଥାନୀୟ ଲୋକେ ମାତ୍ରାଧିକ ଜଳ ଓ ବାୟୁ ପ୍ରଦୂଷଣର ଶିକାର ହେଉଥିବା ଦେଖାଯାଉଛି। ହେଲେ ହସ୍ପିଟାଲ ନିଜସ୍ୱ ଘର ନ ଥିବାରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନାହିଁ ନ ଥିବା ଅସୁବିଧାର ସାମ୍ନା କରୁଛନ୍ତି। ଜରୁରୀକାଳୀନ ରୋଗୀମାନେ ଏଠାରେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଗତବର୍ଷ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ଅନ୍ତର୍ଗତ ଓଡ଼ିଶା କ୍ଷେତ୍ରୀୟ ଇଏସଆଇସି (ରାଜ୍ୟ କର୍ମଚାରୀ ବୀମା)ର ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥସାରଥି ପଣ୍ଡା ଯାଜପୁର ଗସ୍ତ ସମୟରେ ଏହା ଜାଣିବାକୁ ପାଇଥିଲେ। ଏପରିକି ମେଡିକାଲ ସ୍ଥାପନର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବାକୁ ସେ ଜିଲ୍ଲାପାଳଙ୍କୁ କହିଥିଲେ। ଏପରିକି ହସ୍ପିଟାଲ ନିର୍ମାଣ ପାଇଁ ପ୍ରଶାସନ ଜମି ଯୋଗାଇ ଦେଇଥିଲେ। ଏହାର ନିର୍ମାଣ ପାଇଁ ମାନତିରାଠାରେ ୫ ଏକର ଜମି ପ୍ରଶାସନ ପକ୍ଷରୁ ଚିହ୍ନଟ କରଯାଇଥିଲା। ଜମି ଯୋଗାଇ ଦେବା ପରେ ବି ଏଠାରେ ଇଏସଆଇ ହସ୍ପିଟାଲ ଗୃହ ଏଯାବତ ନିର୍ମାଣ ହୋଇନି। ତୁରନ୍ତ ହସ୍ପିଟାଲ ଗୃହ ନିର୍ମାଣ କରାଯାଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଶ୍ରମିକ, କର୍ମଚାରୀ ଦାବି କରିଛନ୍ତି।

## ଟ୍ରକ୍‌ରୁ ଖସିପଡ଼ି ଖଲାସି ଆହତ

**ପାଣିକୋଇଲି, ୭।୧୨(ସମିସ):** ୧୬ନଂ ଜାତୀୟ ରାଜପଥର ପାଣିକୋଇଲି ଥାନା ନିକଟରେ ଏକ ମାଛ ବୋଝେଇ ଟ୍ରକ୍‌ରେ ପାଲ ଭିଡୁଥବାବେଳେ ଖଲାସୀ ଖସିପଡ଼ି ଆହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ରାଜମହେନ୍ଦ୍ରି ଅଞ୍ଚଳରୁ ବିହାରର ପାଟନା ଯାଉଥବା ଉକ୍ତ ଟ୍ରକ୍ ଡାଲାରେ ଘୋଡ଼ା ଯାଇଥବା ପାଲ କୌଣସି କାରଣରୁ ଖସିପଡ଼ିଥିବାରୁ ଖଲାସୀ ନାଗେଶ୍ୱର ରାଓ ଟ୍ରକ୍ ଉପରେ ଚଢ଼ି ପାଲ ଭିଡ଼ଥିବାବେଳେ ମୁଣ୍ଡବୁଲାଇ ଦେବାରୁ ତଳକୁ ଖସି ପଡ଼ିଥିଲେ। ଅନ୍ୟ ଉପାୟ ନ ପାଇ ନାଗେଶ୍ୱରଙ୍କୁ ଟ୍ରକ୍‌ର ଚାଳକ ଡି. ଭେଙ୍କେଟେଶ ଟ୍ରକ ସାଇଡ୍‌ରେ ଶୁଆଇଥିବାବେଳେ ଖବର ପାଇ ପାଣିକୋଇଲି ଥାନା କନେଷ୍ଟବଳ ମନମୋହନ ବାରିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାଗେଶ୍ୱରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ନାଗେଶ୍ୱରଙ୍କ ରକ୍ତଚାପ ବଢ଼ିଯାଇଥିବାରୁ ସେ ପଡ଼ିଯାଇଥିଲେ ବୋଲି ଚାଳକ ସୂଚନା ଦେବା ସହିତ କନେଷ୍ଟବଳ ମନମୋହନ ତୁରନ୍ତ ଡାକ୍ତରଖାନା ପଠାଇଥିବାରୁ ଖଲାସୀଙ୍କ ଜୀବନ ବଞ୍ଚିଯାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଠିକାଦାର ଓ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା

# ନିର୍ମାଣଧୀନ କଲ୍‌ଭର୍ଟରେ ପଡ଼ି କୋମାରେ ଯୁବକ



**ଦଶରଥପୁର, ୭।୧୨ (ସମିସ):** ଯାଉଁଳିବନ୍ଧଠାରୁ ଖଣ୍ଡରା ପଞ୍ଚାୟତ ଅଧୀନ ବିଜିପୁର ଛକକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ୧୮ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଯୋଗାଇ ଦିଆଯାଇଥିବାବେଳେ କାର୍ଯ୍ୟାଦେଶ ହାତେଇଥିବା ଠିକା ସଂସ୍ଥା ଓ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ ଗୁରୁବାର ରାତି ପ୍ରାୟ ୯ଟାରେ ଜଣେ ଯୁବକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହେବା ସହିତ କୋମା ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ରାସ୍ତା ଅବରୋଧ କରିବା ସହିତ ସଂପୃକ୍ତ ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଅଡ଼ିବସିବା ଯୋଗୁଁ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।

ସୂଚନା ମୁତାବକ, ଯାଉଁଳିବନ୍ଧ-ବିଜିପୁର ଛକ ମୁଖ୍ୟ ରାସ୍ତା କାମ କରୁଥିବା ଠିକା ସଂସ୍ଥା ଚୁକ୍ତି ମୁତାବକ କୌଣସି କାମ କରୁନାହାନ୍ତି। ଉକ୍ତ ରାସ୍ତା ଅଧୀନ ନୃସିଂହ ଛକ, ଖଣ୍ଡରା ଛକ, ତାରିଣୀ ଛକ ଓ ବିଜିପୁର ଛକରେ କଲ୍‌ଭର୍ଟ ନିର୍ମାଣ କରାଯାଉଥିବାବେଳେ ଜନସାଧାରଣଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ଡାଇଭରସନ୍ ରାସ୍ତା ନିର୍ମାଣରେ ଅନିୟମିତତା କରାଯାଇଛି। କୌଣସି ସତର୍କ ସୂଚନାର ବ୍ୟବସ୍ଥା କରାଯାଇ ନ ଥିବାବେଳେ ଉକ୍ତ ନିର୍ମାଣାଧୀନ କଲ୍‌ଭର୍ଟରେ ପଡ଼ି ଲୋକେ ଆହତ ହେଉଛନ୍ତି। ଗୁରୁବାର ରାତି ପ୍ରାୟ ୯ଟାରେ ବିଞ୍ଝାରପୁର ପଟୁ ବାଇକ୍‌ରେ ଆସୁଥିବା ଜଣେ ଯୁବକ କଲ୍‌ଭର୍ଟ ନିକଟରେ କୌଣସି ସତର୍କ ସୂଚନା କିମ୍ବା ସୁରକ୍ଷା ବାଡ଼ା ନ ଥିବାରୁ ବାଇକ୍ ସହ କଲଭର୍ଟ ଭିତରକୁ ଖସିପଡ଼ିଥିଲେ। ଯୁବକଙ୍କ ଚିତ୍କାର ଶୁଣି ରାସ୍ତାଦେଇ ଯାଉଥିବା କେତେକ ଲୋକ ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ସମସ୍ତଙ୍କ ସହଯୋଗରେ ସମ୍ପୃକ୍ତ ଗୁରୁତର ଆହତ ଯୁବକଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସେ ଏବେ କୋମାରେ ଥିବା ଜଣାଯାଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବାବେଳେ ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲି କହିଥିଲେ।

## ବାଲିକୁଦା ଥାନା ପକ୍ଷରୁ ହେଲ୍‌ମେଟ୍ ଯାଞ୍ଚ

**ବାଲିକୁଦା, ୭।୧୨(ସମିସ):** ବାଲିକୁଦା ଥାନା ଅଞ୍ଚଳରେ ପୁଲିସ ହେଲମେଟ୍ ଯାଞ୍ଚ କରିଛି। ଅଧିକାରୀ ସଲୀଳ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ସୌମେନ୍ଦ୍ର ନାୟକ, କନଷ୍ଟେବଳ ନଗରୀ କେଶରୀ ଦାସ, ଦିବାକର କହଁର ପ୍ରମୁଖ କଣିଆ ଈଶ୍ୱରପୁର ଛକ ନିକଟରେ ହେଲମେଟ ଯାଞ୍ଚ କରିଥିଲେ। ଏହି ସମୟରେ ପୁଲିସ ଅମାନିଆ ବାଇକ ଚାଳକଙ୍କଠାରୁ ୬ହଜାର ଟଙ୍କା ଜରିମାନା ଆଦାୟ କରିଛି।

## ଖଣ୍ଡରାରେ ବିଜେଡିର ସାଂଗଠନିକ ବୈଠକ

# 'ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ସାହାଯ୍ୟ କର'



**ଦଶରଥପୁର, ୭।୧୨ (ସମିସ):** ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚାୟତ ସଭାପତି ନୀଳମଣି ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ନୂତନ କରି ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା ବିରଜାପୁର ସରପଞ୍ଚ ନିରାକାର ସାହୁ ବୈଠକରେ ଯୋଗଦେଇ ପଞ୍ଚାୟତର ଜନପ୍ରତିନିଧି, ବିଜେଡି ସଂଗଠନର କର୍ମକର୍ତ୍ତା ଓ ସକ୍ରିୟ ସଭ୍ୟ/ସଭ୍ୟାଙ୍କୁ ଦଳକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଆଗଭର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇବା ସହିତ ବିଧାୟକ ଶ୍ରୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ସକ୍ରିୟ ଦଳୀୟ କର୍ମକର୍ତ୍ତା ପଞ୍ଚାୟତ ଅଧୀନ ୱାର୍ଡରେ ଘର ଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିବା, ପ୍ରତ୍ୟେକ ବ୍ୟକ୍ତିଙ୍କ ସମସ୍ୟା ପଚାରି ବୁଝିବା ଓ ସରକାରଙ୍କ ଯୋଜନାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଏ ପରିପ୍ରେକ୍ଷୀରେ ପର୍ଯ୍ୟବେକ୍ଷକ ନିରାକାର ସାହୁ ସକ୍ରିୟ ସଭ୍ୟ/ସଭ୍ୟାଙ୍କୁ ଶଙ୍ଖ ଭବନରୁ ଆସିଥିବା ଗୃହ ଟ୍ୟାଗିଂ ପୁସ୍ତିକା ବିତରଣ କରି ତୁରନ୍ତ ସକ୍ରିୟ କର୍ମକର୍ତ୍ତା ଘରକୁ ଘର ବୁଲି ସମସ୍ତ ବ୍ୟକ୍ତିଙ୍କ ମତାମତ ସଂଗ୍ରହ କରିବା ସହିତ ଆସନ୍ତା ୨୦୨୪ ନିର୍ବାଚନ ନିମନ୍ତେ ବିଧାୟକ ଶ୍ରୀ ଦାସଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ପାଥେୟ କରି ବିଜେଡି ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସରପଞ୍ଚ କୁଞ୍ଜ ହାରୀ ଦାସ, ବରିଷ୍ଠ ନେତା ଆନନ୍ଦ ଚନ୍ଦ୍ର ମହଲ, ରବିନାରାୟଣ ଧଳ, ଅନାଦି ପଣ୍ଡା, କରୁଣାକର ଦାସ, ଆଲୋକ ଜେନା, ସମୀର ଜେନା, ଗୌରାଙ୍ଗ ନାୟକ, ବିଜୟ ରାଉତ, ସୁବଳ ବିହାରା, ସୁଶାନ୍ତ ରାଉଳ, ମୁକୁଳ ସାହୁ, ରବୀନ୍ଦ୍ର ଗେଡ଼ିଙ୍କ ସମେତ ବହୁ ସଂଖ୍ୟାରେ ବିଜେଡି ସକ୍ରିୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବିଧାୟିକାଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ



**ବରୀ, ୭।୧୨(ସମିସ):** ବିଧାୟିକା ସୁନନ୍ଦା ଦାସ ବରୀ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଧାୟିକା ସୁନନ୍ଦା ଦାସଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥକୁ ଠିକ୍ ସମୟରେ ଖର୍ଚ୍ଚ କରାଯିବାକୁ ବିଧାୟିକା ଅଗ୍ରାଧିକାର ଦେବା ଯୋଗୁଁ ଅଞ୍ଚଳବାସୀ ଧନ୍ୟବାଦ ଦେଇଛନ୍ତି।

୩୨ ଲକ୍ଷ ଟଙ୍କା ବ୍ୟୟରେ ମେଦୁଆ ନାଳ ସେତୁ, ୬ ଲକ୍ଷ ବ୍ୟୟରେ ମେଦୁଆକୁଳ ମଲିକ ସାହି ଦକ୍ଷିଣେଶ୍ୱରି ଗୋଷ୍ଠୀ କେନ୍ଦ୍ର, ୨.୫ ଲକ୍ଷ ବ୍ୟୟରେ ଲାଲବାହାଦୂର ନୋଡାଲ ସ୍କୁଲ ଶ୍ରେଣୀ ଗୃହ, ୬ ଲକ୍ଷ ଟଙ୍କା ବ୍ୟୟରେ ହାଟସାହି ରାଧାକୃଷ୍ଣ ଗୋଷ୍ଠୀ କେନ୍ଦ୍ର, ୬ ଲକ୍ଷ ଟଙ୍କା ବ୍ୟୟରେ ରମ୍ଭା ପଞ୍ଚାୟତ ନେଉଳାଠାରେ ଆମ୍ବେଦକର ଗୋଷ୍ଠୀ କେନ୍ଦ୍ର ଓ ୫ ଲକ୍ଷ ଟଙ୍କା ବ୍ୟୟରେ ଗୋଲକୁଣ୍ଡ ପଞ୍ଚାୟତ ମେଣ୍ଢଠାରେ ପାଲା ମଣ୍ଡପକୁ ଉଦଘାଟନ କରିଥିବାବେଳେ ମନ୍ଦାରି, ମହାକାଳପଡ଼ା, ଚନ୍ଦନପୁର ଓ ଅନ୍ୟାସୀପୁର ପଞ୍ଚାୟତରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ବ୍ଲକ ବିଜେଡି ସଭାପତି କେଦାର ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ସରପଞ୍ଚ ପ୍ରଜ୍ଞା ପରମିତା ପରିଡ଼ା, ଚପଳା ମଲ୍ଲ, ସସ୍ମିତା କୁଣ୍ଡୁ, ପୂର୍ବତନ ସରପଞ୍ଚ କୁଞ୍ଜ ବିହାରି ପରିଡ଼ା, ପ୍ରଭାସ ପରିଡ଼ା, ସମିତିସଭ୍ୟ ରମେଶ ସାହୁ, ହରିହର ପଣ୍ଡା, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ବୀରେନ ରାଉତ, ଗୌରାଙ୍ଗ ମଲିକ, ଅଶୋକ ଦଳେଇ, ମନୋଜ ମଲ୍ଲ, ବିଜୟ କୁମାର ସାହୁ, ଅଜୟ ମଲ୍ଲ, ଶିବ ପ୍ରସାଦ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ବିଧାୟିକା ଶ୍ରୀମତୀ ଦାସ ମେଦୁଆକୁଳ ଗ୍ରାମର ଦଳିତ ବସ୍ତିରେ ଏକ ଧର୍ମୀୟ କାର୍ଯ୍ୟକ୍ରମରେ ନିଆରା ଢଙ୍ଗରେ ଶତାଧିକ ମହିଳାଙ୍କ ସହିତ କଳସ ଯାତ୍ରାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।

# ୨ ବଖରା ଜଳିଗଲା

**କବାଟବନ୍ଧ, ୭।୧୨(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁରର ବରାଳ ସାହିରେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗୁରୁବାର ରାତି ପ୍ରାୟ ୮ ସମୟରେ ଜେନାପୁର ବରାଳ ସାହିର ବାଇଧର ଦଳେଇଙ୍କ ଚାଳ ଛପର ଘରେ ରୋଷେଇ ଚାଲିଥିବା ସମୟରେ ଗ୍ୟାସରୁ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା। ଫଳରେ ଗୟାଧରଙ୍କ ଦୁଇ ବଖରା ଘର ସହିତ ସମସ୍ତ ଆସବାବପତ୍ର, ଧାନ ଚାଉଳ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଥିବା ଜଣାପଡ଼ିଛି। ତୁରନ୍ତ ବାଇଧରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।

# ଜିଲ୍ଲା ସ୍କୁଲରେ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ



**ଯାଜପୁର, ୭।୧୨(ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଯାଜପୁର ଜିଲ୍ଲା ସ୍କୁଲରେ ଆଜି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶରେ ଏଭଳି ପ୍ରଦର୍ଶନୀ କିପରି ଉପଯୋଗୀ, ତାହା ଉଲ୍ଲେଖ କରିଥିଲେ। ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡଃ ଅକ୍ଷୟ କୁମାର ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ବିଭିନ୍ନ ବୈଜ୍ଞାନିକଙ୍କ ବାଲ୍ୟାବସ୍ଥା ଓ ବିଦ୍ୟାଳୟ ଶିକ୍ଷା ସେମାନଙ୍କ ଜୀବନକୁ କିପରି ପ୍ରଭାବିତ କରିଥିଲା, ତାହା ବର୍ଣ୍ଣନା କରିଥିଲେ।

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଭିନ୍ନ ତଥ୍ୟ ସହ ବିଜ୍ଞାନର ଜୟଯାତ୍ରା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଯାଜପୁର ଜିଲ୍ଲା ସ୍କୁଲର ପ୍ରାକ୍ତନ ଶିକ୍ଷକ ସେକ୍ ମୋତିଉର୍ ରହେମାନ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ କିପରି ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ସଫଳତା ଅର୍ଜନ କରିଆସିଛନ୍ତି, ତାହାର ତଥ୍ୟ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ଓ ଅନ୍ୟ ଅତିଥିମାନେ ସମ୍ମିଳିତ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଶିକ୍ଷକ ଜହରିରୁଦ୍ଦିନ ଖାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ, ପରିବେଶ ଓ ଗଣିତଭିତ୍ତିକ ୪୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୩ଜଣିଆ ବିଚାରକ ମଣ୍ଡଳୀ ମୂଲ୍ୟାୟନ କରିଥିଲେ। ସଫଳ ଛାତ୍ରଛାତ୍ରୀ ଭାବେ ସତୀଶପ୍ରିୟଦର୍ଶୀ ସାହୁ ପ୍ରଥମ (୭ମ ଶ୍ରେଣୀ), ସ୍ୱସ୍ତିପ୍ରଜ୍ଞା ମହାନ୍ତି ୨ୟ (୯ମ ଶ୍ରେଣୀ) ଓ ଦେବୀସ୍ମିତା ସାମଲ ୩ୟ (୮ମ ଶ୍ରେଣୀ) ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଆସନ୍ତା ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ବରିଷ୍ଠ ଶିକ୍ଷକ ବାସୁଦେବ ସେନାପତି, ବିଜ୍ଞାନ ଶିକ୍ଷକ ସୁଧାଂଶୁଶେଖର ତ୍ରିପାଠୀ, ଅରବିନ୍ଦ ରଣସିଂହ, ବିଜ୍ଞାନ ଶିକ୍ଷୟିତ୍ରୀ ରଶ୍ମିତା ଖିଲାର, ପୁଷ୍ପଲତା ପଣ୍ଡା, ସୁଚିସ୍ମିତା ମହାନ୍ତି, ସ୍ମୃତିସଙ୍ଗୀତା ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଧାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲା ସ୍ୱାସ୍ଥ୍ୟ ସମିତି କମିଟି ବୈଠକ

# ଡିସେମ୍ବର ସୁଦ୍ଧା ଶେଷ କର ନିର୍ମାଣାଧୀନ ପ୍ରକଳ୍ପ

ଭଦ୍ରକ, ୭ ।୧୨(ସମିସ)



ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର, ପିଡି ଡ୍ରୁଡ଼ା ମାନାସ ରଞ୍ଜନ ରାୟ, ଏସିଡିଓ କୁଶଳ ଚନ୍ଦ୍ର ନାୟକ ଓ ପ୍ରହଲ୍ଲାଦ ରଣା ପ୍ରମୁଖ ଯୋଗ ଦେଇଥିଲେ । ଡିପିଏମ୍ ସରିତା ମହାପାତ୍ରଙ୍କ ଦ୍ୱାରା ବୈଠକରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ ଆଧାରରେ ଆଲୋଚନା ଆରମ୍ଭ କରାଯାଇଥିଲା । ଜିଲ୍ଲାପାଳ ପ୍ରଥମେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପର ସ୍ଥିତାବସ୍ଥା ପ୍ରଗତି ଓ ସମସ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଏନ୍ଏଚ୍ଏମ୍‌ର ସହକାରୀ ଯନ୍ତ୍ରୀ ଜନ୍ମେଜୟ ଜେନାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ମତେ ଜିଲ୍ଲାରେ ୮୮ଟି ନୂଆ ସବ୍‌ସେଣ୍ଟର ନିର୍ମାଣ ପାଇଁ ସରକାରୀ ଅନୁମୋଦନ ମିଳିଥିବା ବେଳେ କୋର୍ଟ କେଶ୍ ଓ ଖାଲୁଆ ଜମି ପାଇଁ ୧୨ଟିର ନିର୍ମାଣ ଏବେ ସୁଦ୍ଧା ଆରମ୍ଭ ହୋଇ ପାରିନାହିଁ । ଚାନ୍ଦବାଲିର ୨ଟି, ଭଦ୍ରକ ଓ ବନ୍ତର ଗୋଟିଏ ଲେଖାଏଁ ନବନିର୍ମିତ ସବ୍‌ସେଣ୍ଟର କୋଠାର ହସ୍ତାନ୍ତର ହୋଇଛି । ଅନ୍ୟ ସମସ୍ତ ନିର୍ମାଣାଧୀନ ପ୍ରକଳ୍ପକୁ ଡିସେମ୍ବର ଶେଷ ସୁଦ୍ଧା ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବର୍ତ୍ତମାନ ଆରମ୍ଭ ହୋଇଥିବା କାର୍ଯ୍ୟ ଅତିବେଶୀରେ ଜାନୁୟାରୀ ସୁଦ୍ଧା ଏବଂ ଆଦୌ ଆରମ୍ଭ ହୋଇନଥିବା କାର୍ଯ୍ୟ ଆଗାମୀ ୧୦ ରୁ ୧୫ଦିନ ମଧ୍ୟରେ ଆରମ୍ଭ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆଗରପଡ଼ାର ନୂଆ ସିଏଚ୍‌ସି ନିର୍ମାଣ ପାଇଁ ୧୦ କୋଟି ୬୮ ଲକ୍ଷ, ଚାନ୍ଦବାଲି ଓ ଭଣ୍ଡାରିପୋଖରୀ ସିଏଚ୍‌ସି କୋଠାର ସଂପ୍ରସାରଣ ପାଇଁ ୪ କୋଟି ୯୦ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିବା ପ୍ରକାଶ କରାଯାଇଥିଲା । ସେହିପରି ନୂତନ ୧୦ଟି ପିଏଚ୍‌ସିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ଜଣାପଡ଼ିଛି । ନବନିର୍ମିତ ନୂତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପାଇଁ ବାକିଥିବା ରାସ୍ତା, ଟ୍ରାନ୍ସଫର୍ମର, ଆଲୋକ ବ୍ୟବସ୍ଥା, ଇଣ୍ଟେରିଅର ସହ ସମସ୍ତ କାର୍ଯ୍ୟକୁ ମଧ୍ୟ ଡିସେମ୍ବର ଶେଷ ସୁଦ୍ଧା ଶେଷ କରିବା ପାଇଁ କୁହାଯାଇଥିଲା । ଜିଲ୍ଲାକୁ ସରକାରଙ୍କ ଠାରୁ ୧୧ଟି ୧୦୮ ନୂଆ ଆମ୍ବୁଲାନସ୍ ମିଳିଥିବା ନେଇ ସୂଚନା ଦିଆଯାଇଥିଲା । କଚେରୀ ରାସ୍ତା ଜନଗହଳି ରହୁଥିବାରୁ ନୂଆ ବସ୍‌ଷ୍ଟାଣ୍ଡ, ଶନିମନ୍ଦିର ଦେଇ ଆମ୍ବୁଲାନ୍‌ସ ସବୁ ପୁରୁଣା ଡିଏଚ୍‌ଏଚ୍‌କୁ ଯିବା ପାଇଁ ଜିଲ୍ଲାପାଳ ଆମ୍ବୁଲାନ୍‌ସ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଯୋଗ୍ୟକି, ଦୁର୍ଘଟଣା କ୍ଷେତ୍ରରେ ୧୦୮ ଆମ୍ବୁଲାନସ୍ ପୀଡ଼ିତଙ୍କୁ ଘରୋଇ ହସ୍‌ପିଟାଲକୁ ନେଇ ପାରିବେ । ଅଣସଂକ୍ରାମକ ରୋଗ କ୍ଷେତ୍ରରେ କ୍ୟାନସର, ଉଚ୍ଚ ରକ୍ତଚାପ ଓ ଡାଇବେଟିସ ରୋଗ ନେଇ ୬୪ ପ୍ରତିଶତ ଚିହ୍ନଟ କରାଯାଇ ପାରିଥିବା ସୂଚନା ଦିଆଯାଇଥିଲା । ସେହିପରି ପ୍ରସବ କ୍ଷେତ୍ରରେ ୫୩ ପ୍ରତିଶତ ସରକାରୀ ଓ ୪୭% ଘରୋଇ ହସପିଟାଲରେ ଏବଂ ୯୦ ପ୍ରତିଶତ ସିଜରିଆନ ଘରୋଇ ହସ୍‌ପିଟାଲ୍‌ରେ ଓ ୧୦ ପ୍ରତିଶତ ସରକାରୀ ହସପିଟାଲରେ ହୋଇଥିବା ନେଇ ସୂଚନା ଦିଆଯାଇଥିଲା । ଆମ ହସ୍‌ପିଟାଲ ଯୋଜନା ଭୁକ୍ତ ଡିଏଚ୍‌ଏଚ୍ ସହିତ ୪ଟି ସିଏଚ୍‌ସି ଧାମନଗର, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରିପୋଖରୀ ସହ ଅନ୍ୟ ହସ୍‌ପିଟାଲ ସବୁ ମଧ୍ୟ କାୟାକଳ୍ପ ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ୍ ହେବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ପ୍ରସବ କରାଉଥିବା ଘରୋଇ ହସ୍‌ପିଟାଲ ସବୁ ଜନନୀ ସୁରକ୍ଷା ଯୋଜନାରେ ଆକ୍ରିଡ଼ିଏସନ୍ ନେଉ ନଥିବାରୁ ଆଶାକର୍ମୀ କିମ୍ବା ପ୍ରସୂତୀମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ପ୍ରୋତ୍ସାହନ ରାଶି ପାଇବାରୁ ବଂଚିତ ହେଉଥିବା ନେଇ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା ।

## ଟ୍ରେନ୍‌ରେ କଟି ଯୁବକ ଗୁରୁତର

ତିହିଡ଼ି, ୭।୧୨(ସମିସ): ତିହିଡ଼ି ବ୍ଲକ ଫତେପୁର ଗ୍ରାମର ବଂଶୀଧର ବେହେରାଙ୍କ ପୁତ୍ର ରଞ୍ଜିତ ବେହେରା (୩୬) ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ସେ କୋମାରେ ରହିଥିବା ଜଣାଯାଇଛି । ରଣଜିତ ଦୁଇଦିନ ତଳେ ନିଜ ଭଉଣୀ ଘର ବାଲେଶ୍ୱରରୁ ନିଜର କର୍ମକ୍ଷେତ୍ର ଭୁବନେଶ୍ୱର ଟ୍ରେନ୍‌ରେ ଯାଇଥିଲେ । ତେବେ ପଟିଆ ଷ୍ଟେସନ ନିକଟରେ ଓହ୍ଲାଉଥିବା ବେଳେ କୌଣସି କାରଣରୁ ଟ୍ରେନ୍‌ରୁ ଖସିପଡ଼ିଥିଲେ । ତାଙ୍କର ଦୁଇ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଡାହାଣ ଗୋଡ଼ କଟାଯାଇଛି । ବାମ ଗୋଡ ଓ ଛାତି ପିଞ୍ଜରା ମଧ୍ୟ ଭାଙ୍ଗିଯାଇଛି । ତାଙ୍କ ଦୁର୍ଘଟଣାରେ ତିହିଡ଼ିବାସୀ ଗଭୀର ମର୍ମାହତ ହୋଇପଡ଼ିଛନ୍ତି । ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କୁ ସହାୟତାର ହାତ ବଢ଼ାଇବା ପାଇଁ କିଛି ବ୍ୟକ୍ତି ଅଣ୍ଟା ଭିଡ଼ିଛନ୍ତି । ତାଙ୍କରୁ ଆଶୁ ଆରୋଗ୍ୟ କାମନା କରିବା ସହ ସାହାଯ୍ୟ ଯୋଗାଇଦେବାକୁ ଅନରୋଧ କରାଯାଇଛି ।



## ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁରସ୍କାର ପାଇବେ ଅରୁଣ ପାତ୍ର



ଭଦ୍ରକ, ୭ ।୧୨(ସମିସ): ଓଡ଼ିଶା ବିଜ୍ଞାନ ଏକାଡେମୀ ତରଫରୁ ପ୍ରଦାନ କରାଯାଉଥିବା ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାରରେ ଭଦ୍ରକ ଜିଲ୍ଲାର ଅରୁଣ କୁମାର ପାତ୍ରଙ୍କୁ ସମ୍ମାନିତ କରାଯିବ । ଓଡ଼ିଆ ଭାଷାରେ ଶ୍ରୀଯୁକ୍ତ ପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ 'କୃଷକଙ୍କ ଭାଷାରେ କୃଷି ବିଜ୍ଞାନ' ୨୦୨୧ ମସିହା ପାଇଁ ଲୋକପ୍ରିୟ ବିଜ୍ଞାନ ପୁସ୍ତକ ବିଭାଗରେ ଶ୍ରେଷ୍ଠ ବିବେଚିତ ହୋଇଛି । ଶ୍ରୀ ପାତ୍ର ଏବେ ଯାଜପୁର ରୋଡ଼ରେ କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଜଣେ କୃଷି କବି, ଆକାଶବାଣୀ ଗୀତିକାର ହିସାବରେ ଜିଲ୍ଲା ଓ ରାଜ୍ୟସ୍ତରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାଗବତ ଛନ୍ଦେ କୃଷି ବିଜ୍ଞାନ, ଅରୁଣ କୃଷି ବଚନ, କୃଷିବୋଲି ହୋ ଚାଷୀ ଭାଇ ହୋ, ଓଡ଼ିଶାରେ ସୂର୍ଯ୍ୟମୁଖୀ ଚାଷ, ଧାନଚାଷର ନବଦିଗନ୍ତ, ମାଣ୍ଡିଆଚାଷର ନବଦିଗନ୍ତ, କୃଷି ଚଉତିଶା ଓ କୃଷି ଚାଳିଶା, ଚାଷୀ ଭାଇଙ୍କର ହଜାରେ ପ୍ରଶ୍ନ ଓ ତାହାର ସମାଧାନ, ମାଣ ଓ ଗୁଣ୍ଡ ପିଛା ସାର ବ୍ୟବହାର, ମାଟିଆ ଗୁଣ୍ଡି ପୋକର ପରିଚାଳନା, ବୈଜ୍ଞାନିକ ପଦ୍ଧତିରେ ମୁଗ ଓ ବିରି ଚାଷ, କୃଷି ଗୀତି ଚୟନୀ ପ୍ରଭୃତି କୃଷି ସମ୍ବନ୍ଧୀୟ ପୁସ୍ତକ ରଚନା କରିଛନ୍ତି । ଏଥିସହିତ ଓଡ଼ିଆ ଭାଷାରେ ଗୀତାଞ୍ଜଳିର ଅନୁବାଦ, ଓଡ଼ିଆ ସାହିତ୍ୟରେ ନୂତନ ଢଗଢମାଳି, ସଫଳ ବ୍ୟକ୍ତି ହେବେ କିପରି, ସଫଳ ଜୀବନ ପାଇଁ ଶହେଟି ସଫଳ କାହାଣୀ, ଫଗୁଣ କନ୍ୟା ଗୀତି ପୁସ୍ତକ ପ୍ରଭୃତି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଉଭୟ କୃଷି ଓ ସାହିତ୍ୟ କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପ୍ରକାଶ ଥାଉକି ଉକ୍ତ ପୁରସ୍କାର ଆସନ୍ତା ଜାନୁୟାରୀ ୯ ତାରିଖରେ ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଦ୍ୱାରା ପ୍ରଦାନ କରାଯିବ । ସୂଚନା ଯୋଗ୍ୟକି ଶ୍ରୀ ପାତ୍ର ଫସଲ ସୁରକ୍ଷା ଅଧିକାରୀ, ବ୍ଲକ କୃଷି ଅଧିକାରୀ ଭାବେ ଭଦ୍ରକ ଜିଲ୍ଲାରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ରାଜ୍ୟରେ ଜଣେ କୃଷିବିତ୍ ହିସାବରେ ଏହି ପୁରସ୍କାର ଲାଭ କରିବାରେ ସେ ପାତ୍ର ପ୍ରଥମ ।

## ପିଏଚ୍‌ଡି ଏସ୍‌ଡିଓ ଧାମନଗର ସହର ପରିଦର୍ଶନ

ଧାମନଗର, ୭ ।୧୨(ସମିସ): ଧାମନଗର ଏନଏସି ଅଞ୍ଚଳକୁ ଭଦ୍ରକ ପିଏଚ୍‌ଡି ଏସ୍‌ଡିଓ ଗସ୍ତ କରି ବିଭିନ୍ନ ସ୍ଥାନ ବୁଲି ପାନୀୟ ଜଳଯୋଗାଣ ବ୍ୟବସ୍ଥାର ଓ କାର୍ଯ୍ୟର ତଦାରଖ କରିଛନ୍ତି । ଆଜି ପୂର୍ବାହ୍ନରେ ଏସଡିଓ ମଧୁସୂଦନ ସିଂ ଓ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁ ମିଳିତ ଭାବେ ଧାମନଗର ପରିଦର୍ଶନ କରି ଏନଏସି ଅନ୍ତର୍ଗତ ଦକ୍ଷିଣବାଡ ଛକରେ ଚାଲିଥିବା ଅଫିସ ଗୃହ ଓ ନହଜାର କିଲ୍ଲା ଠାରେ ନିମାୟଣାଧୀନ ପାଣି ଟାଙ୍କିର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଓ ସମୀକ୍ଷା କରିବା ସହିତ ଯଥାଶୀଘ୍ର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ନଷ୍ଟ ହୋଇଥିବାରୁ ମରାମତି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଉପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ସ୍ୱାଇଁ ଅସନ୍ତୋଷ ପ୍ରକାଶ ସହିତ ପାଇପ୍ ଗୁଡିକର ମରାମତି କରିବା ତାଗିଦ କରିଛନ୍ତି । ତେବେ ଠିକାଦାର ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ କହିଛନ୍ତି ।

## ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ସହାୟତା



ଆଗରପଡ଼ା, ୭ ।୧୨(ସମିସ): ଗୁରୁବାର ବନ୍ତ ବ୍ଲକ ପରିସରରେ ଉକ୍ତ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଭତ୍ତା ପାଇନଥିବା ୨୩ ଜଣ ହିତାଧିକାରୀଙ୍କୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ନିଜ ଦରମାରୁ ଭତ୍ତା ପ୍ରଦାନ କରିଥିବା ଜଣାପଡ଼ିଛି । ଏଥିରେ ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ ସେଠୀ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବନ୍ତ ପଞ୍ଚାୟତ ସମିତି ସଭ୍ୟ ପରମେଶ୍ୱର ବାରିକ, ଯୁବ ନେତା ଭବେନ୍ଦ୍ର ସାହୁଙ୍କ ସମେତ ପଞ୍ଚାୟତ ସ୍ତରୀୟ ନେତୃତ୍ୱ ଉପସ୍ଥିତ ଥିଲେ ।

## ଯୁବ ଇଞ୍ଜିନିୟରଙ୍କ ଅକାଳ ବିୟୋଗ



ଆଗରପଡ଼ା, ୭ ।୧୨(ସମିସ): ବନ୍ତ ବ୍ଲକ ବଡ଼ମହିଁଷଗୋଠ ଅନ୍ତର୍ଗତ ନରାଜପୁର ଗ୍ରାମର ପଦ୍ମନାଭ ପାଣିଗ୍ରାହୀଙ୍କ ପୁଅ ଇଂ. ଅରୁଣାଭ (୪୦)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅକାଳ ବିୟୋଗ ଘଟିଛି । ସେ ଜଣେ ଶାନ୍ତ, ସରଳ, ପରୋପକାରୀ ଯୁବକ ଥିଲେ । ତାଙ୍କର ପତ୍ନୀ ଓ ଗୋଟିଏ ୨ବର୍ଷର ପୁଅ ଅଛନ୍ତି । କାଙ୍କ ମରଶରୀର ପହଞ୍ଚିବା ପରେ ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଏହି ଖବର ପାଇ ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଯୁବନେତା ପ୍ରୀତିଶ ଶତପଥୀ, ଦୀପକ ମହାନ୍ତି, ଅମୁଲ୍ୟରତ୍ନ ନନ୍ଦ ପ୍ରମୁଖ ତାଙ୍କ ବାସଭବନରେ ପହଁଚି ମରଶରୀରକୁ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କର ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

## ଭଦ୍ରକ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ





ଭଦ୍ରକ, ୭।୧୨(ସମିସ): ଆଜି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ଥାନୀୟ ବାଉଦପୁର ପାର୍କ ଏବଂ ସାଳନ୍ଦୀ ନଦୀ ସଂଲଗ୍ନ କୂଳରେ ଏକ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଧିବାସୀ ସହଯୋଗ କରିଥିଲେ ।

ଏଠାରେ ସୂଚନାଯୋଗ୍ୟ ଆଜି ନୂଆ-ଓ ଯୋଜନାର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ସପ୍ତମ ତଥା ଅନ୍ତିମ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ଦୁର୍ଗାଶଙ୍କର ଦାସ, ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ଓ ସଂଯୋଜିକା ସ୍ୱପ୍ନା ସୋନାଲିକା ଜେନା, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ ଓ ଡ. ଅଜିତ୍ କୁମାର ଦାସ, ଅଧ୍ୟାପକ ଡ. ସନ୍ତୋଷ କୁମାର ସେଠୀ, ଡ. ଅଶୋକ କୁମାର ଦାସ, ଡ. ଶୁଭେନ୍ଦୁ କୁମାର ବରାଳ, ଡ. ସୁଦର୍ଶନ ଦାସ, ସୁରଜିତ ହାଇବୁରୁ, ମନୋଜ କୁମାର ଶିଅଳ, ଦିଲ୍ଲୀପ କୁମାର ଗାହାଣ, ରୁଦ୍ରନାରାୟଣ ସ୍ୱାଇଁ, ପିତାମ୍ବର ପଣ୍ଡା, ଅଧ୍ୟାପିକା ଜୟନ୍ତୀ ନାୟକ, ଅଧ୍ୟାପକ ରଂଜନ କୁମାର ମିଶ୍ର, ଅଧ୍ୟାପିକା ଡ. ମନୋରମା ନାୟକ, ଡ. ସଂଜୟ କୁମାର ଶତପଥୀ, ଡ. କଲିକେଶ ବେଗମ୍ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏତାଦୃଶ କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସନୀୟ ହୋଇଛି ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ



ଭଣ୍ଡାରିପୋଖରୀ, ୭।୧୨(ସମିସ): ପିରିପୁର ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଦୁର୍ଯ୍ୟୋଧନ ଦାଶଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ କନକଲତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା ସଞ୍ଚାଳନା କରିଥିଲେ । ଏଥିରେ ବ୍ଲକଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ପୂର୍ବତନ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଡିଓ ଦେବଦତ୍ତ ଦାସ, ସମିତି ସଭ୍ୟା କମଳା ଯେନା, ଶିକ୍ଷାବିତ ବିମ୍ବାଧର ମହାପାତ୍ର, ଜନାର୍ଦ୍ଦନ ଆଚାର୍ଯ୍ୟ, କାର୍ତ୍ତିକ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସାହୁ, ସୁରେନ୍ଦ୍ର ପଣ୍ଡା, ପୁରୁଷୋତମ ଧଳ, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତି, ହୃଶିକେଷ ସାହୁ, ମାର୍କଣ୍ଡ ସାହୁ, ଜଗବନ୍ଧୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦୁର୍ଯ୍ୟୋଧନ ଦାଶଙ୍କ ସମାଜ ଗଠନ, ଶିକ୍ଷାପ୍ରସାର ଆଦି ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବିତରଣ କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଶିକ୍ଷାବିତ ବୃନ୍ଦାବନ ଦାଶ, ସ୍ୱାଗତ ଭାଷଣ ଡ.ମାର୍କଣ୍ଡ ଚରଣ ଦାଶ, ଅତିଥି ପରିଚୟ ଶିକ୍ଷକ ମାୟାଧର ଦାଶ ଓ ଧନ୍ୟବାଦ ସ୍ନେହାସିନୀ ଦାଶ ଅର୍ପଣ କରିଥିଲେ ।

## ସତ୍ୟସାଧନ ବେଜଙ୍କୁ ଲୋକଶକ୍ତି ପ୍ରତିଭା ସମ୍ମାନ



ଆଗରପଡ଼ା, ୭ ।୧୨(ସମିସ): ଚଳିତ ବର୍ଷର ଲୋକଶକ୍ତି ପ୍ରତିଭା ସମ୍ମାନ ବନ୍ତ ବ୍ଲକ ବଡ଼ମହିଁଷଗୋଠ ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ବ୍ଲକ ଯୁବ ବିଜେଡ଼ି ସଭାପତି ସତ୍ୟସାଧନ ବେଜଙ୍କୁ ପ୍ରଦାନ କରାଯାଇଛି । ସେ ଜଣେ ସୁବକ୍ତା, ଦକ୍ଷ ସଂଗଠକ ଓ ସମାଜସେବୀ ଭାବେ ଅନେକ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି ବୋଲି ଲୋକଶକ୍ତି ପକ୍ଷରୁ ପ୍ରକାଶ କରାଯାଇଛି । ବାଲେଶ୍ୱର ସ୍ଥିତ ସେରଗଡ଼ ଠାରେ ଆୟୋଜିତ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଗିଣୀଦେବୀଙ୍କ ଜନ୍ମ ଜୟନ୍ତୀ ଉତ୍ସବରେ ଅତିଥିଭାବେ ଭଦ୍ରକ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବରିଷ୍ଠ ସାମ୍ବାଦିକ କୁଳମଣୀ ବାରିକ, ବିପ୍ଲବ ମହାନ୍ତି, ସଙ୍ଗୀତଜ୍ଞ ଅମୃତାଂଶୁ ପଟ୍ଟନାୟକ ଏବଂ ଲୋକଶକ୍ତି ସଂପାଦକ ରବୀନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ସତ୍ୟସାଧନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି ।

## ୨ ବ୍ୟକ୍ତିଙ୍କ ପରଲୋକ

ତିହିଡ଼ି, ୭।୧୨(ସମିସ): ତିହିଡ଼ି ବ୍ଲକ ଅଞ୍ଚଳ ଦୁଇଜଣ ବ୍ୟକ୍ତିଙ୍କର ପରଲୋକ ହୋଇଯାଇଛି । ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ନିଶାକର ପାଣିଗ୍ରାହୀଙ୍କର ମଧ୍ୟମ ପୁତ୍ର ଶୈଳୁନ୍ଦୁ ଶେଖର ପାଣିଗ୍ରାହୀ ଓରଫ ସଞ୍ଜି (୫୧) କିଛିଦିନ ହେଲା ଅସୁସ୍ଥ ରହି ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ତେବେ ଏକ ସପ୍ତାହ ହେଲା ସେଠାରେ ତାଙ୍କ ନିଜସ୍ୱ ବାସଗୃହରେ ଥିବା ବେଳେ ଗତକାଲି ରାତ୍ରିରେ ପରଲୋକ ହୋଇଯାଇଛି । ସେ ତିହିଡ଼ି ପାଟଣାସାହି ଗ୍ରାମର ବିଶିଷ୍ଟ ପୂଜକ ବିମ୍ବାଧର ତ୍ରିପାଠୀଙ୍କର ଜ୍ୱାଇଁ ଅଟନ୍ତି । ତାଙ୍କ ମୃତ୍ୟୁରେ ତିହିଡ଼ିରେ ଶୋକ ପ୍ରକାଶ ପାଇଛି । ସେହିପରି ତିହିଡ଼ି ଗ୍ରାମର ଭାସ୍କର ନାୟକ (୭୧)ଙ୍କର ଆଜି ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଜଣେ ଅତ୍ୟନ୍ତ ମେଳାପୀ ବ୍ୟକ୍ତି ଥିଲେ । ତାଙ୍କର ୩ ପୁଅ ଅଛନ୍ତି ।

## ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ଉତ୍ସବ

ଧାମନଗର, ୭ ।୧୨(ସମିସ): ଧାମନଗର ପୂର୍ବତନ ବିଧାୟକ ତଥା ଜନନେତା ମୁରଲୀଧର ଜେନାଙ୍କ ୫୭ତମ ଶ୍ରାଦ୍ଧ ସମାରୋହ ଏନ୍ଏସି ଅଧୀନ ମହତାବ ସେବାସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ବରିଷ୍ଠ ସାମ୍ବାଦିକ ତଥା ସ୍ମୃତି କମିଟିର ସଭାପତି ବାସୁଦେବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମାରୋହ ସଭାରେ ସାମ୍ବାଦିକ



କୁଳମଣି ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ପ୍ରଦୀପ ମହାପାତ୍ର ମଞ୍ଚ ଆବାହନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସପ୍ରାପ୍ତ ଶିକ୍ଷକ ରସାନନ୍ଦ ମହାପାତ୍ର, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ସେକ ଅବଦୁଲ ହକିମ୍, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଅମରେନ୍ଦ୍ର ମହାନ୍ତି, ରଣଜିତ ମହାନ୍ତି, ଅଶୋକ ପୁହଣ, ସୁଶାନ୍ତ ରାଉତ, ମାନସ ରଞ୍ଜନ ସାହୁ, ଶିକ୍ଷକ ମନୋଜ ସିଂ, ସୁରେନ୍ଦ୍ର ସେଠୀ, ପ୍ରକାଶ ମହାପାତ୍ର, ସୁରେନ୍ଦ୍ର ଜେନା, ପ୍ରେସ୍ କ୍ଲବ ସଭାପତି ବୈକୁଣ୍ଠନାଥ ସାହୁ, ସାମ୍ବାଦିକ ସୁଧାକର ଦାଶ, ସେକ ଜାଫର ଅଲ୍ଲୀ, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ଜନନେତା ମୁରଲୀ ବାବୁଙ୍କ କାର୍ଯ୍ୟ ଦକ୍ଷତା ଓ ଶିକ୍ଷାର ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ଗୋଲାମ ଜିଲାନୀ ହବିବି, ଗୌରାଙ୍ଗ ଦାସ, ସରୋଜ ସେଠୀ, ପ୍ରଶାନ୍ତ କୁମାର ସାହୁ, ପ୍ରମୋଦ ଆନ୍ଦିଆ, ଜ୍ଞାନେନ୍ଦ୍ର ସାହୁ, ପଙ୍କଜ ଦାସଙ୍କ ସମେତ ଶିକ୍ଷାବିତ, ସାହିତ୍ୟିକ, କବି, ସଂଗଠକ, ବୁଦ୍ଧିଜୀବୀ ଓ ସମାଜସେବୀ ସାମିଲ ହୋଇଥିଲେ । ଶେଷରେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

**ଅସୁରାଳି:** ପ୍ରାକ୍ତନ ବିଧାୟକ ମୂରଲୀଧର ଜେନାଙ୍କ ୫୭ତମ ଶ୍ରାଦ୍ଧୋତ୍ସବ ଧୂଷୁରୀ ସ୍ଥିତ ମୂରଲୀଧର ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅକ୍ଷୟ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଶିକ୍ଷାବିତ, ବାଗ୍ମୀ ବାବାଜୀଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ପ୍ରଫେସର ବିଜୟ କୁମାର ମିଶ୍ର, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ ସୂତାର, ଏସଏମସି ସଭାପତି ରମାକାନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଆ ଯାତ୍ରାର ପ୍ରବାଦ ପୁରୁଷ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଦ୍ୱାରା ନେତା ମୂରଲୀଧର ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଚିତ, ଗାଁ ବିଲ ତୋଟା ମାଳ ନଈ ନାଳ ଗୋହିରି, କାନ୍ଦି କାନ୍ଦି ଖୋଜି ବୁଲେ କାହିଁ ନେତା ମୁରଲୀ, ସ୍ମୃତି ସଙ୍ଗୀତ ଗାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା । ଶିକ୍ଷକ ଅଶୋକ ଦାସ, ଅଭୟ ବେହେରା, ଜ୍ୟୋତିରଂଜନ ମହାପାତ୍ର, ଶିକ୍ଷୟିତ୍ରୀ ସୌମ୍ୟା ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ପ୍ରିୟଦର୍ଶନୀ ଓ ତନିଶା ନାଥ ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

## ଭଦ୍ରକରେ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ' କାର୍ଯ୍ୟକ୍ରମ







ଭଦ୍ରକ, ୭ ।୧୨(ସମିସ)

ରାଜ୍ୟ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଆଜି ଭଦ୍ରକ ଟାଉନ ହଲ ଠାରେ ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ଓ ଛାତ୍ର ବିଜେଡି ବ୍ୟାପାର ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ଯୁବ ବିଜେଡି ସାଙ୍ଗଠନିକ ସମ୍ପାଦକ ଶୁଭେନ୍ଦୁ ମଙ୍ଗରାଜ ଓ ଧୃତି ରଞ୍ଜନ ମାର୍ଥା, ଯୁବ ବିଜେଡି ଜୋନାଲ ସଭାପତି ଜୟୀରାମ ଦାସ ଓ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରନ୍ମ ରାକେଶ ନାୟକ ପ୍ରମୁଖ ମଞ୍ଚାସୀନ ରହି ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ଯୁବ, ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ତଥା କର୍ମୀଙ୍କୁ ଉଦବୋଧନ କରିଥିଲେ । ରାଜ୍ୟରେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ପଦବୀରେ ଅଭିସିକ୍ତ କରାଇ ଇତିହାସ ରଚିବାକୁ ବକ୍ତାମାନେ ଯୁବ, ଛାତ୍ର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ବ୍ଲକ, ପୌରପାଳିକା, ଏନଏସିର ଯୁବ, ଛାତ୍ର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଜୁଲଫିକର ଅଲ୍ଲି, ଭଦ୍ରକ ବ୍ଲକ ଯୁବ ବିଜେଡି ସଭାପତି ସରଫଚ ଇଂ.ଏମ୍‌ଡି ଫରହତ ଆଲାମ, ଟାଉନ ବିଜେଡି ସଭାପତି କାଉନସିଲର ଆଶୀଷ ଅମିତାଭ ମହାପାତ୍ର, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଭାସ୍କର ମହାଳିକ, ଯୁବନେତା ସୂର୍ଯ୍ୟକୁମାର ଦାସ, ଆଶୀଷ ମହାନ୍ତି, ସୌମେନ୍ଦ୍ର ସାହୁ, ସ୍ୱଧନ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷାରେ ଉଜୁଡ଼ିଗଲା ଧାନ ଫସଲ



ଆଗରପଡ଼ା, ୭ ।୧୨(ସମିସ)

ବାତ୍ୟା ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ଧାନ ଫସଲ ଉଜୁଡ଼ିଯିବାକୁ ବସିଛି । ବିଲରେ ପାଚିଲା ଓ ଅଧାପାଚିଲା ଧାନ ଉପରେ ବର୍ଷା ମାଡ଼ ହେବାରୁ ଚାଷୀଙ୍କ ସରସ ଭାବ ମଉଳି ଯାଇଛି । ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ବାତ୍ୟାର ପ୍ରଭାବରେ ବର୍ଷା ହୋଇଥିଲା । ପାଚିଲା, ଅଧାପାଚିଲା ଧାନଗଛ ଗୁଡ଼ିକ ଶୋଇଯିବା ପରେ ବର୍ଷା ପାଣିରେ ବୁଡ଼ି ରହିବା ଫଳରେ ଧାନ ସମ୍ପୁର୍ଣ୍ଣ ନଷ୍ଟ ହେବାର ସମ୍ଭାବନା ରହିଛି । ଆଉ କେଇଟା ଦିନ ପରେ ଧାନ ଅମଳ କରି ଚାଷୀ ଖଳାକୁ ଆଣିବାକୁ ଥିବାବେଳେ ଏଭଳି ଦୁର୍ବିପାକ ଚାଷୀଙ୍କୁ ହତାଶ କରିଦେଇଛି । ଧାନ ନଷ୍ଟ ହେବା ଦେଖି ଚାଷୀମାନେ ଋଣ ଚିନ୍ତାରେ ଭାଙ୍ଗି ପଡ଼ିଲେଣି । ଚାଷୀମାନେ ସାଧାରଣତଃ ବ୍ୟାଙ୍କ କିମ୍ବା ଅନ୍ୟ କାହା ଠାରୁ ଧାରକରଜ କରି ଚାଷକାମ କରିଥାନ୍ତି । ଧାନ ଅମଳପରେ ଏହାକୁ ବିକ୍ରି କରି ଋଣ ପରିଶୋଧ କରିଥାନ୍ତି । ଏହି ତହସିଲ ଅଧୀନରେ ଥିବା ୨୦୬ ରାଜସ୍ୱ ଗ୍ରାମର ମୋଟ ୧୮ ହଜାର ୮୬୫ ହେକ୍ଟର ଜମି ରହିଛି । ସେଥିମଧ୍ୟରୁ ପ୍ରାୟ ୧୭ ହଜାର ୬୨ ହେକ୍ଟର ଜମିରେ ଚାଷ ହୋଇଥିବାର ଥିବାର ଜଣାପଡ଼ିଛି । ବର୍ତ୍ତମାନ ବାତ୍ୟା ପ୍ରଭାବରେ ବର୍ଷା ହୋଇଥିବାରୁ ଧାନଗଛ ବିଲରେ ପଡ଼ି ଯାଇଛି । ଉଜୁଡ଼ିଯାଇଥିବା ଧାନ ଫସଲକୁ ଚାଷୀମାନେ କିଭଳି ରକ୍ଷା କରିବେ ସେ ଦିଗରେ ଶେଷ ଉଦ୍ୟମ ଜାରି ରଖିଥିବା ଦେଖାଯାଉଛି । ଶୋଇପଡ଼ିଥିବା ଧାନଗଛକୁ ଗୋଛା କରି ବାନ୍ଧି ପାଣି ଦାଉରୁ ରକ୍ଷା କରିବା ପାଇଁ ଚାଷୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଥିବା ପରିଲକ୍ଷିତ ହେଉଛି ।

## ଚାଷୀର ଚିନ୍ତା ବଢ଼ାଇଲା ଝିପି ଝିପି ବର୍ଷା



**ବାସୁଦେବପୁର:** ବିଲରେ ଧାନ ଅମଳ ବେଳେ ବାତ୍ୟା ପ୍ରଭାବରେ ଝିପି ଝିପି ବର୍ଷା ଆଜି ସନ୍ଧ୍ୟା ଠାରୁ ଲାଗିରହିଛି । ଧାନ ଅମଳକୁ ନେଇ ଚାଷୀ କୂଳ ଦେଖିଥିବା ସ୍ୱପ୍ନ ଚୂରମାର ହୋଇଯିବ ଆଶଙ୍କା ଏବେ ବୃଦ୍ଧି ପାଇଛି । ଆଉ ଦିନ କେଇଟା ଭିତରେ ଧାନ ଅମଳ କରି ପରିବାରର ବର୍ଷକର ଆହାର ସହିତ ବଳକା ଧାନ ବିକ୍ରି କରି ପରିବାରର ଆବଶ୍ୟକତା ପୂରଣ କରିଥାନ୍ତି । ଯାହାକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । କିଏ ଧାନ କାଟିବାରେ ଲାଗିଛି, କିଏ ଧାନ କାଟି ବିଲରେ ପକାଇ ଥିବାବେଳେ ତାକୁ କିପରି ଖଳାକୁ ଆଣିବ ନା ବିଲରେ ସାଇତି ରଖିବ ଚିନ୍ତାରେ ପଡ଼ିଯାଇଛି । ଆଉ କିଏ ଧାନକୁ ଖଳାକୁ ଆଣି କେମିତି ରଖିବ ତାହା ଏବେ ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଯାଇଛି । କ୍ଷେତରେ ସମସ୍ତ ଧାନ ପାଚି ଯାଇଥିବା ବେଳେ ଅମଳ ଜୋରସୋରରେ ଆରମ୍ଭ ହୋଇସାରିଛି । ବାତ୍ୟାକୁ ଦେଖି ଚଷାପୁଅ ଅମଳ କରିଥିବା ଧାନକୁ ବାନ୍ଧି ଖଳାକୁ ଆଣିବ ନା ଖଳାରେ ଥିବା ଧାନକୁ କେମିତି ସାଇତି ରଖିବ ତାହା ଚାଷୀ କୂଳକୁ ଭୟ ଘାରିବାରେ ଲାଗିଛି । ଅନ୍ୟପଟେ ଲାଗୁଛି ଆଜି ରାତିରେ ଯଦି ବର୍ଷାର ପରିମାଣ ବଢ଼ିବ ତେବେ କଣ ହେବ ପରିସ୍ଥିତି । କେତେ କଷ୍ଟ କରି ବର୍ଷକର ଆହାର ଶେଷରେ ଖଳାକୁ ଆସିବା ପୂର୍ବରୁ କ୍ଷେତରେ କଣ ମେଳେଇ ଯିବ ।

## କ୍ଷେତରେ ଲୋଟିଲା ପାଚିଲା ଧାନ



**ଧାମନଗର :** ଧାମନଗର ଅଞ୍ଚଳର ମଙ୍ଗଳବାର ଠାରୁ ବାତ୍ୟା ମିଗଜୋମ୍‌ର ପ୍ରଭାବରେ ଲାଗିରହିଥିବା ବର୍ଷା ଫଳରେ ଅମଳ ହେବାକୁ ଥିବା ପାଚିଲାଧାନ ଓ ପନି ପରିବା ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ଚାଷୀର ଭାତ ହାଣ୍ଡିରେ ପଶିଛି ପାଣି । ଧାନ ନୁହେଁ ତ ଏଥର ସୁନା ଫଳିଥିଲା । କିନ୍ତୁ ଝିପିଝିପି ବର୍ଷା ସହି ନପାରି ମାଟିରେ ଶୋଇପଡ଼ିଛି ପାଚିଲା ଧାନ । ଧାମନଗର ଏନ୍‌ଏସି ତଳିଆ ଅଞ୍ଚଳରେ ବିଲରୁ ଖଳାକୁ ଧାନ ଆଣି ଅମଳ କରିବା ଏବେ ଅସମ୍ଭବ ହୋଇ ପଡ଼ିଛି । ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିବା ସହିତ ଚିନ୍ତାର ପଡ଼ିଯାଇଛି । ଧାନ ଖଳାକୁ ଯିବା ସ୍ଥିତିରେ ନାହିଁ । ଏମିତି କି ଚାଷ ପାଇଁ ଯେତିକି ଖର୍ଚ୍ଚ ହୋଇଥାଏ ସେତିକି ପ୍ରାପ୍ୟ ମିଳିବା କଷ୍ଟକର । କିଏ କୃଷିଋଣ କରି ଆଉ କିଏ ସାହୁକାର ଠାରୁ ହାତ ଉଧାରୀ ଆଣି ଚାଷ କରିଥାଏ । ଏବେ ସେହି ଟଙ୍କାକୁ କେମିତି ଭରଣା କରିବ ତାହାକୁ ନେଇ ଚିନ୍ତାରେ ଚଷାପୁଅ । ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ କ୍ଷୟକ୍ଷତିର ଅନୁଧ୍ୟାନ କରି ଚାଷୀମାନଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

## ଖଳାକୁ ଆସିପାରିଲାନି ପାଚିଲା ଧାନ

**ଦୋବଲ, :** ବାତ୍ୟା ମିଗଜୋମ ପ୍ରଭାବରେ ଗତ ୪ ଦିନ ହେବ ଧାମନଗର ଅଞ୍ଚଳରେ ପାଗ କୋହଲା ସହିତ ବର୍ଷା ମଧ୍ୟ ହୋଇଛି । ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । ଧାମନଗର ବ୍ଲକ କୃଷି ଅଧିକାରୀ ଭାସ୍କର ଦାସ କୁହନ୍ତି, ବ୍ଲକରେ ମୋଟ ୧୬ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି । ଯାହା ଏବେ ଚାଷୀଙ୍କ ବର୍ଷକର ପରିଶ୍ରମ ସବୁ ଖୋଲା ଆକାଶ ତଳେ ପଡ଼ିରହିଛି । ବାତ୍ୟା ମିଗଜୋମ ପ୍ରଭାବରେ ବର୍ଷା ଓ ପବନ ଯୋଗୁଁ ବିଲରେ ଥିବା ପାଚିଲା ଧାନ ସବୁ ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ଏହି ବ୍ଲକର ପ୍ରାୟ ୮୦ ପ୍ରତିଶତ ଲୋକ ଧାନଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ଚାଷକୁ ଛାଡ଼ିଦେଲେ ଆୟ କରିବାର ଅନ୍ୟ କିଛି ପନ୍ଥା ନାହିଁ । ବହୁ ଲୋକ ବ୍ୟାଙ୍କ ଋଣ କିମ୍ବା ଗାଉଁଲି ମହାଜନ ପାଖରୁ ଧାର



କରଜ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି । କିଛି ସ୍ଥାନରେ ଧାନ କଟାଯାଇ ବିଲରେ ପଡ଼ିଛି । ଆଉକିଛି ଜାଗାରେ ବନ୍ଧା ଧାନ ବିଲରେ ପଞ୍ଝା ଯାଇଥିବା ଦେଖିବାକୁ ମିଳିଛି । ତେଣୁ ଅଦିନିଆ ବର୍ଷା ଯୋଗୁଁ ବିଲ ରେ ଧାନ ଗଜା ହୋଇ ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ଖୋଲା ଆକାଶ ତଳେ ଧାନ ଗୁଡ଼ିକ ପଡ଼ି ରହିଥିବାବେଳେ ବାତ୍ୟା ଜନିତ ପ୍ରଭାବରେ ଆସିଥିବା ବର୍ଷା ପାଇଁ ଚାଷୀଙ୍କ ଚିନ୍ତା ଦିଗୁଣିତ କରିଦେଇଛି । ତେବେ ବିଭାଗୀୟ ଅଧିକାରୀ ନଷ୍ଟ ହୋଇ ଥିବା ଧାନ ଓ ପନିପରିବା ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି ।

## ବାତ୍ୟା ଦାଉରୁ ବର୍ତ୍ତିଗଲା ଖରିଫ୍ ଧାନ

**ଭଦ୍ରକ/ମଞ୍ଜୁରୀରୋଡ :** ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁ ଓଡ଼ିଶାର କେତେକ ଜାଗାରେ ବର୍ଷା ହୋଇଥିଲେ ସୁଦ୍ଧା ଖରିଫ ଧାନ ଚାଷ କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛି । ସମ୍ପ୍ରତି ଖରିଫ ଧାନର ଅମଳ ସମୟ ହୋଇଥିବା ବେଳେ ବାତ୍ୟା ଓ ବର୍ଷା ଭୟ ଚାଷକୁ କବଳିତ କରିଥିଲା ।



ସୂଚନା ଅନୁଯାୟୀ ଜିଲ୍ଲାରେ ଚଳିତ ବର୍ଷ ୭ଗୋଟି ବ୍ଲକରେ ବ୍ୟାପକ ଖରିଫ ଧାନ ଚାଷ ହୋଇଥିଲା ତନ୍ମଧ୍ୟରୁ ଭଦ୍ରକ ବ୍ଲକରେ ୨୪ହଜାର ୪୮୫, ତିହିଡି ବ୍ଲକରେ ୨୦ହଜାର ୬୩୭, ବାସୁଦେବପୁର ୩୨ହଜାର୨୩୯, ଚାନ୍ଦବାଲି ୩୩ହଜାର ୭୦ ହେକ୍ଟର ଚାଷ ଜମିରେ ଧାନ ଚାଷ ହୋଇଛି । ସେହିଭଳି ଭଣ୍ଡାରିପୋଖରୀ ବ୍ଲକରେ ୧୬ ହଜାର୯୩୮, ଧାମନଗର ବ୍ଲକରେ ୧୭ହଜାର୬୯ ଓ ବନ୍ତ ବ୍ଲକରେ ୧୭ହଜାର ୬୨ ହେକ୍ଟର ଚାଷ ଜମି ରେ ଖରିଫ ଧାନ ଚାଷ ହୋଇଥିଲା । ଏହି ସବୁ ବ୍ଲକରେ ଚାଷୀ ମାନେ ଏବେ ଧାନ ଅମଳ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଅଦିନିଆ ବର୍ଷା ସତେ ଯେମିତି ସେମାନଙ୍କ ଦୁଃଖ ବଢ଼ାଇ ଦେଇଥିଲା । ଗତ ଦୁଇ ଦିନ ଧରି ଜିଲ୍ଲାରେ ସାମାନ୍ୟ ବର୍ଷା ହୋଇଥିଲେ ସୁଦ୍ଧା ଚାଷ ଜମି ଗୁଡିକ ସେତେ ପରିମାଣରେ ପ୍ରଭାବିତ ହୋଇନଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି । ତେବେ ଜିଲ୍ଲାର ଧାମନଗର, ବନ୍ତ ଓ ତିହିଡି ବ୍ଲକରେ କିଛି ଅଞ୍ଚଳର ଚାଷ ଜମିରେ ପାଚିଲା ଧାନ ପଡ଼ି ଯାଇଥିଲେ ସୁଦ୍ଧା ବଡ଼ ଧରଣର ବର୍ଷା ନଥିବାରୁ ସେଗୁଡିକ ସୁନିଶ୍ଚିତ କ୍ଷତିରୁ ବର୍ତ୍ତି ଯାଇଛି । ମୋଟା ମୋଟି ଭାବେ କହିବାକୁ ଗଲେ ବାତ୍ୟା ଜନିତ ବର୍ଷା ଦାଉରୁ କ୍ଷତ ଏବେ ବଞ୍ଚି ଯାଇଥିବା ବେଳେ ଚାଷୀ ଟିକେ ଆଶ୍ୱସ୍ତି ଲାଭ କରିଛି ।

# ରାମବାଗ କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଦଶରଥପୁର, ୭ ।୧୨ (ସମିସ):** ଦଶରଥପୁର ବ୍ଲକ ରାମବାଗସ୍ଥ ରିଜିଓନାଲ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ ଉଦ୍ଦିଷ୍ଟ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନୂଆ ଓଡ଼ିଶା, ନବୀନ ଓଡ଼ିଶା ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଯୁବ ପ୍ରତିଭାଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ଉଚ୍ଚପ୍ରଶଂସା କରି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ ।

ସମ୍ମାନିତ ଅତିଥି ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଯୁକ୍ତା ମହାନ୍ତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ପ୍ରତିଭାକୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହେଉଥିବା କହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଭାଗ ନେଇ ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ୪ନମ୍ବର ଜିଲ୍ଲା ପରିଷଦ ସଭ୍ୟା ପାର୍ଥସାରଥୀ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା ମୁକ୍ତିକାନ୍ତ ପଣ୍ଡା, ସ୍ଥାନୀୟ ସମିତିସଭ୍ୟା ନମିତା ମିଶ୍ର, ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରମୋଦ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ବ୍ୟାଙ୍କ୍ ପକ୍ଷରୁ ବୀମାରାଶି ପ୍ରଦାନ



**ବରୀ, ୭।୧୨(ସମିସ):** ଷ୍ଟେଟ୍ ବ୍ୟାଙ୍କ୍‌ର ରତ୍ନଗିରି ଖାଖା ପକ୍ଷରୁ ରତ୍ନଗିରି ପଞ୍ଚାୟତ ଅନ୍ତର୍ଗତ ପଟଣା ଗ୍ରାମର ସ୍ୱର୍ଗତ ସରୋଜିନୀ ବରାଳଙ୍କ ସ୍ୱାମୀ ସରୋଜ ବରାଳ ଓ ରତ୍ନଗିରି ଗ୍ରାମର ସ୍ୱର୍ଗତ ମମତା ଶାନ୍ତିଙ୍କ ସ୍ୱାମୀ ଟୁକନ ଶାନ୍ତିଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ରତ୍ନଗିରିସ୍ଥ ଷ୍ଟେଟ୍ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରେ ସରୋଜିନୀ ଓ ବବିତା କିଛିଦିନ ତଳେ ଉକ୍ତ ଯୋଜନାରେ ବୀମା କରିଥିଲେ । କୌଣସି କାରଣରୁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ ପରେ ଶାଖା ପରିଚାଳକ ଜଗବନ୍ଧୁ ଦାସ ନୋମିନି ଥିବା ଉଭୟଙ୍କ ସ୍ୱାମୀଙ୍କୁ ଡାକି ବୀମା ରାଶି ପ୍ରଦାନ କରିଥିଲେ ।

## ଯୁବକଙ୍କ ମୃତ୍ୟୁ, ସନ୍ଦେହରେ ପରିବାର



**ସୁକିନ୍ଦା, ୭।୧୨(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ମୃତକ ଜଣକ ସୁକିନ୍ଦା ଥାନା ଅଧୀନ ପୁରୁଣାପାଣି ଗ୍ରାମର ପ୍ରହଲ୍ଲାଦ ନାୟକ(୪୪) ବୋଲି ଜଣାପଡ଼ିଛି । ପ୍ରହଲ୍ଲାଦଙ୍କ ପ୍ରକୃତ ଘର ଢେଙ୍କାନାଳ ଜିଲ୍ଲା କପିଳାସ ଅଞ୍ଚଳରେ । ପ୍ରହଲ୍ଲାଦ ଦୀର୍ଘବର୍ଷ ପୂର୍ବରୁ ସୁକିନ୍ଦା ବାବୁଲା ପାତ୍ରଙ୍କ ଝିଅକୁ ବିବାହ କରି ପୁରୁଣାପାଣିରେ ପରିବାର ସହ ରହନ୍ତି । ପ୍ରହଲ୍ଲାଦ ଗତ ବୁଧବାର ସନ୍ଧ୍ୟାରେ ଆମ୍ବଳବା ଯାଇ ଫେରି ନ ଥିଲେ । ଗୁରୁବାର ସକାଳେ ସୁକିନ୍ଦା-ହାତିବାରୀ ରାସ୍ତାର ଆମ୍ବଳବା ନିକଟ ରାସ୍ତା କଡ଼ରେ ଜଣେ ଯୁବକ ପଡ଼ିରହିଥିବା ଖବର ପାଇ ଆମ୍ବୁଲାନ୍ସ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସେଠାରେ ଚିକିତ୍ସା ଚାଲିଥିବା ସମୟରେ ପ୍ରହଲ୍ଲାଦଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରହାଲାଦକୁ ମୃତ ଘୋଷଣା କରିବା ପରେ ପରିବାର ପକ୍ଷରୁ ମୃତଦେହକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । କୌଣସି ଅଜଣା ଗାଡ଼ି ବୁଧବାର ରାତିରେ ପ୍ରହଲ୍ଲାଦକୁ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ସହ ରାତିସାରା ପ୍ରହଲ୍ଲାଦ ପଡ଼ିରହି ଗୁରୁତର ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ଏଭଳି ଘଟଣାରେ ମୃତଦେହର ବ୍ୟବଚ୍ଛେଦ ନ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ଛାଡ଼ିଦେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ମୃତଦେହର ବ୍ୟବଚ୍ଛେଦ କରିବା ସହ ପୁଲିସ ଘଟଣାର ତଦନ୍ତ କଲେ ପ୍ରହଲ୍ଲାଦଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ଚେସ୍ ଓ କ୍ୟାରମ୍ ପ୍ରତିଯୋଗିତା




**ଭଦ୍ରକ, ୭।୧୨ (ସମିସ):** ନୂଆ ଓଡ଼ିଶା ଓ ଯୁବ ଓଡ଼ିଶା ଦ୍ୱାରା ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭା ଗୃହରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚେସ ଓ କ୍ୟାରମ ଖେଳ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅକ୍ଷୟ ଗିରି ଏହି ପ୍ରତିଯୋଗିତାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ କ୍ରୀଡା ସମ୍ପାଦକ ଅଧ୍ୟାପକ ଲଳିତ ମୋହନ ଜେନା, ତିମିର ବରଣ ଦାସ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସସ୍ମିତା ଧୁପାଳ, ନଳିନୀକାନ୍ତ ନାୟକ, ଭୀମସେନ ମହାରଣା, ଗୌତମ ମହାରଣା ପ୍ରଭୃତି ବିଚାରକ ଭାବେ ଯୋଗ ଦେଇଥିଲେ ।

## ରାସ୍ତା ସମ୍ପ୍ରସାରଣ ବେଳେ ଘରକୁ ଭାଙ୍ଗିବା ନେଇ ବିବାଦ

**ଚାନ୍ଦବାଲି, ୭ ।୧୨(ସମିସ):** ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତ ନାଉଗୋରଡ଼ା ପାତୁସାହିରେ ରତ୍ନେଶ୍ୱର ମହାଦେବଙ୍କ ମନ୍ଦିରର ବିକାଶ ମୂଳକ କାର୍ଯ୍ୟ ହବା ପରେ ପ୍ରଶାସନ ପକ୍ଷରୁ ମନ୍ଦିର ନିକଟରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ଜବରଦଖଲ ଉଚ୍ଛେଦ ଆଳରେ ପ୍ରଶାସନ ପକ୍ଷରୁ ସେହି ଗାଁର ରବୀନ୍ଦ୍ର କୁମାର ରାଉଳଙ୍କ ଘରକୁ ଭାଙ୍ଗିବା ପାଇଁ ପୂର୍ବରୁ କୌଣସି ନୋଟିସ ଦିଆଯାଇନାହିଁ କିମ୍ବା ସୂଚନା ନ ଦେଇ ଘରେ କେହି ନଥିବା ବେଳେ ପ୍ରଶାସନିକ ବାବୁ ମାନେ ଜୋର ଜବରଦସ୍ତ ଭାଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି ରବୀନ୍ଦ୍ର । ଏଥିନେଇ ରବୀନ୍ଦ୍ରଙ୍କ ପରିବାର ପକ୍ଷରୁ ନ୍ୟାୟ ଭିକ୍ଷା କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ଗ୍ରାମବାସୀ ମାନେ ଭିନ୍ନ କଥା ପ୍ରକାଶ କରିଛନ୍ତି । ଗ୍ରାମ୍ୟ ରାସ୍ତାକୁ ରବୀନ୍ଦ୍ର ରାଉଳଙ୍କ ପରିବାର ପକ୍ଷରୁ ଦୀର୍ଘବର୍ଷ ହେବ ଜବର ଦଖଲରେ ରଖିଥିଲେ । ବହୁବାର ପ୍ରଶାସନ ନିକଟରେ ଗୁହାରି କରିବା ପରେ ପ୍ରଶାସନ ସଠିକ ତଦନ୍ତ କରି ଗ୍ରାମ୍ୟରାସ୍ତାକୁ ଜବରଦଖଲ ଉଚ୍ଛେଦ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଯୋଗାଯୋଗ କରିବାରୁ, ସମ୍ପୃକ୍ତ ବ୍ୟକ୍ତି ଜଣକ ଗାଁ ରାସ୍ତାକୁ ତାଙ୍କ ଘର ଆଗରେ ପଥର ପକାଇ ଜବର ଦଖଲ କରିଥିଲେ । ଯାହା ଫଳରେ ଗାଁ ମଧ୍ୟକୁ ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ଜରୁରୀ କାଳନୀ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲା ବୋଲି କହିଥିଲେ । ଏଥିନେଇ ଗ୍ରାମାବାସୀଙ୍କ ଅଭିଯୋଗ ଆଧାରରେ ସଂପୃକ୍ତ ବ୍ୟକ୍ତିଙ୍କ ଘର ଆଗରୁ ପଥର ହଟାଯାଇଛି ଏବଂ ପୂର୍ବରୁ ତାଙ୍କୁ ପ୍ରଶାସନ ପକ୍ଷରୁ ୨ ଥର ନୋଟିସ ଦିଆଯିବା ପରେ ମଧ୍ୟ ସେ ପ୍ରଶାସନ ଆଦେଶନାମାକୁ ବେଖାତିର କରିଥିବା ସେ ସୂଚନା ଦେଇଛନ୍ତି ।



## ବାଇକ୍‌ରୁ ପଡ଼ି ଯୁବକ ମୃତ

**ମଞ୍ଜୁରୀରୋଡ, ୭ ।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ମାଳଦା ପଞ୍ଚାୟତ ସାରଣା ଛକ ଠାରେ ଗତ ବୁଧବାର ରାତିପ୍ରାୟ ୧୦ଟା ବେଳେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାଯାଇଛିଫ ସୂଚନା ଅନୁଯାୟୀ ଷୋଳମପୁର ପଞ୍ଚାୟତ ବାହାଣିଆ ଗ୍ରାମର ବିନୋଦ ଜେନା(୪୫) ଏକ ବାଇକ୍ ରେ ଜଣେ ସାଥୀଙ୍କୁ ବସାଇ ମାଳଦା ଅଭିମୁଖେ ଆସୁଥିଲେଫ ପୂର୍ତ୍ତ ବିଭାଗ ରାସ୍ତାର ସାରଣା ଛକ ଠାରେ ନିର୍ମାଣାଧୀନ ଏକ ବେଆଇନ ହମ୍ପସ ସହିତ ବାଇକ୍‌ଟି ଭାରସାମ୍ୟ ହରାଇ ଧକ୍କା ଖାଇଥିଲାଫ ଏଥିଯୋଗୁଁ ଗାର ଚଳାଉଥିବା ବିନୋଦ ବାଇକ୍ ରୁ ଛିଟିକି ପଡ଼ିଥିଲେ ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ବେଆଇନ ହମ୍ପସ ନିର୍ମାଣକଚ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଯୁବକଙ୍କ ଅକାଳ ବିୟୋଗ ଯୋଗୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଭଦ୍ରକ ପୁସ୍ତକମେଳାର ୪ର୍ଥ ସନ୍ଧ୍ୟା

# ନୂତନ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ

ଭଦ୍ରକ, ୭ ।୧୨(ସମିସ)

ପୃଥିବୀର ଦ୍ରୁତ ପରିବର୍ତ୍ତନ ସହିତ ତାଳ ମିଳାଇ ଚାଲିବାର ପ୍ରଚେଷ୍ଟା ଜାରି ରଖିବା ପାଇଁ ନୂତନ ଶିକ୍ଷାନୀତି ଏକ ସମୟପଯୋଗୀ ପଦକ୍ଷେପ ନୂତନ ପୀଢିର ଛାତ୍ର- ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ମାନେ ଏହି ଏହି ଶିକ୍ଷାନୀତିକୁ ସଠିକ ଭାବରେ କାର୍ଯ୍ୟକାରୀ କରିପାରିଲେ ଆମ ଦେଶ ଏକବିଂଶ ଶତାବ୍ଦୀରେ ପୃଥିବୀକୁ ନୂତନ ଆଲୋକରେ ଉଦ୍ଭାଷିତ କରିପାରିବ ବୋଲି ସ୍ଥାନୀୟ ସନସାଇନ ମିଶନ ସ୍କୁଲ ନିକଟସ୍ଥ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଅନୁଷ୍ଠିତ ଭଦ୍ରକ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । 'ନୂତନ ଶିକ୍ଷାନୀତି ଓ ନବଉନ୍ମେଷର ଧାରା' ଶୀର୍ଷକ ଆଲୋଚନାଚକ୍ରକୁ




ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକବିହାରୀ ସାହୁ ପୌରୋହିତ୍ୟ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ରାଜକିଶୋର ସାହୁ ନୂତନ ଶିକ୍ଷା ନୀତି ବର୍ତ୍ତମାନ ଶିକ୍ଷାକ୍ଷେତ୍ରରେ ଏକ ବ÷ପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି ଉଲ୍ଲେଖ କରିଥିଲେ । ବରେଣ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପୁସ୍ତକ ପ୍ରକାଶନ ସଂସ୍ଥାମାନେ ପୁସ୍ତକପ୍ରେମୀଙ୍କ ରୁଚି ଓ ଆଗ୍ରହକୁ ଦୃଷ୍ଟିରେ ର ପୁସ୍ତକ ପ୍ରକାଶନ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ପୁସ୍ତକମେଳା ଆୟୋଜିତ ହେବାର ଯଥାର୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ କବି ସତ୍ୟପ୍ରକାଶ ସେଠୀ ପୁସ୍ତକମେଳାର ପ୍ରୟୋଜନୀୟତା ଉପରେ ଆଲୋକପାତ କରିଥିଲେ । ପୁସ୍ତକମେଳା କମିଟି ସଦସ୍ୟ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଦସ୍ୟ ସଂଗ୍ରାମ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁଙ୍କ ତତ୍ତ୍ୱାଧାନରେ ସଡକ ସୁରକ୍ଷା ଓ ଜୀବନରକ୍ଷା ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଚର୍ଚ୍ଚିକା ମହାପାତ୍ର, ଗଦାଧର ବଳ, ରମେଶ ଚନ୍ଦ୍ର ସ୍ୱାଇଁ, ଶରତ ନାୟକ, ସମୀର ଦାସ, କିଶୋର ଲାଧା, ସତ୍ୟ ସାମଲ, ସଂଗ୍ରାମ ସାହୁ, ମନୋରଞ୍ଜନ ନାୟକ, ଭୋଳା ନାଥ ରାଉଳ, ରଶ୍ମିତା ପୃଷ୍ଟି, ଭଗବାନ ବାରିକ, ହରିହର ଗୁଇଁ, ଶୁଭ୍ରଙ୍ଗିନୀ ବେହେରା, ରାଜେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

